## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଡ଼ିଆ ଘାଟର ବାଟର ଛାଇ**
**ଯେତେ କୂଟ କରେ ଆପଣା ଭାଇ।**

ଭାଇ ସହ ଭାଇର ରକ୍ତର ସମ୍ପର୍କ ରହିଥାଏ। ଭାଇ ହିଁ ସବୁଠାରୁ ବଳି ପ୍ରିୟ ଓ ଅନ୍ତରଙ୍ଗ ହୋଇଥାଏ। ଏପରିସ୍ଥଳେ ଭାଇ ସହ କୂଟକପଟ ବା କଳିଗୋଳ କରିବା ଆଦୌ ଉଚିତ ହୋଇ ନ ଥାଏ। ତେବେ ଆଜିକାଲି ଅନେକ ସ୍ୱାର୍ଥପର ବ୍ୟକ୍ତି ଲୋଭ ବଶତଃ ନିଜ ସମ୍ପତ୍ତିବାଡି ତଥା ଭାଗବଣ୍ଟା ନେଇ ଭାଇ ସହ ଗଣ୍ଡଗୋଳ କରୁଥିବା ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗଉଡ଼ ହୁଡ଼ିଲେ ଦିନେ**
**ଚଷା ହୁଡ଼ିଲେ ବରଷେ।**

କୌଣସି କାରଣବଶତଃ ଗଉଡ଼ କ୍ଷୀର ଦୁହିଁ ନ ପାରିଲେ ଗଉଡ଼କୁ କ୍ଷୀର ଦୁହିଁବା ଲାଗି ତା'ପରଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ। ସେହିପରି ଚାଷ କାର୍ଯ୍ୟରେ ହେଳା କରିଥିବା ଚାଷୀଟିକୁ ପୁନଶ୍ଚ ଚାଷ କାର୍ଯ୍ୟ କରିବା ପାଇଁ ପୂରା ବର୍ଷଟିଏ ଅପେକ୍ଷା କରିବାକୁ ହୋଇଥାଏ। ତେଣୁ ସମୟକୁ ଅଯଥାରେ ନଷ୍ଟ ନ କରି ଉଚିତ ସମୟରେ ଉଚିତ କାର୍ଯ୍ୟ କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ରାଜସ୍ଥାନ ସରକାରଙ୍କ ଦ୍ୱାରା ପରିଚାଳିତ ଇନ୍ଦିରା ରୋଷେଇ ବର୍ତ୍ତମାନ ସାରା ରାଜ୍ୟରେ ବେଶ୍ ଲୋକପ୍ରିୟ ଏବଂ ସବୁ ବର୍ଗର ଲୋକଙ୍କର ପସନ୍ଦର ସ୍ଥାନ ପାଲଟିଛି। ନିକଟରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଇନ୍ଦିରା ରୋଷେଇ ପରିଦର୍ଶନ କରି ଲୋକଙ୍କ ସହିତ ଏହାର ଖାଦ୍ୟ ଖାଇବା ସହ ମାନ ପରୀକ୍ଷଣ କରିଥିଲେ। ଉଲ୍ଲେଖଯୋଗ୍ୟ, ରାଜ୍ୟର ସହରାଞ୍ଚଳ ଓ ଗ୍ରାମାଞ୍ଚଳ କ୍ଷେତ୍ରରେ ମୋଟ ୯୯୨ଟି ଇନ୍ଦିରା ରୋଷେଇ ଥିବାବେଳେ ଉକ୍ତ ରୋଷେଇ କେନ୍ଦ୍ର ଜରିଆରେ ରାଜସ୍ଥାନବାସୀଙ୍କ ସମେତ ପ୍ରତ୍ୟେକ ଭାରତୀୟ ଓ ବିଦେଶୀ ନାଗରିକଙ୍କୁ ୮ ଟଙ୍କା ମୂଲ୍ୟରେ ସୁଷମ ଖାଦ୍ୟ ପରିବେଷଣ କରାଯାଇ ପାରୁଛି। ୨୦୨୦ରେ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିବା ଇନ୍ଦିରା ରୋଷେଇ ୨୦୨୩ ଜୁନ୍ ସୁଦ୍ଧା ରାଜ୍ୟରେ ୧୩.୦୪ କୋଟି ପ୍ଲେଟ୍ ଖାଦ୍ୟ ପରଷାଯାଇଛି।

# ୨ ଜଣଙ୍କ ଜୀବନ ନେଲା ହାତୀ

**ଅନୁଗୋଳ, ୨୦।୬ (ଅମିତ କୁମାର ସାମଲ)**

ଅନୁଗୋଳ ବନଖଣ୍ଡ ବନ୍ତଲା ବନାଞ୍ଚଳରେ ମଙ୍ଗଳବାର ୨ ଜଣଙ୍କ ଜୀବନ ନେଇଛି ହାତୀ। ମୃତକ ହେଲେ ସାନକନ୍ତକୁଳ ଗ୍ରାମର ଶ୍ରୀନିବାସ ସାହୁ(୬୫) ଓ ଗଡ଼ତରାସ ପଞ୍ଚାୟତ ଅରାଡିହ ଗ୍ରାମର ଅରୁଣ ପ୍ରଧାନ(୫୫)। ଏହି ଘଟଣା ଜଣାପଡ଼ିବା ପରେ ସାନକନ୍ତକୁଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକମାନେ ବନ କର୍ମଚାରୀମାନଙ୍କୁ ଟଣାଓଟରା କରିଥିଲେ। ଘଟଣାସ୍ଥଳରେ ବନ୍ତଲା ଥାନା ଅଧିକାରୀଙ୍କ ସମେତ ପୋଲିସ କର୍ମଚାରୀ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପ୍ରକାଶ ଯେ, ନିକଟସ୍ଥ ଜଙ୍ଗଲରୁ ଚାଲିଆସିଥିବା ଏକ ଦନ୍ତା ହାତୀ ପୂର୍ବାହ୍ନ ସାଢ଼େ ୧୦ଟାରେ ପ୍ରଥମେ ସାନକନ୍ତକୁଳ ଗ୍ରାମର ଶ୍ରୀନିବାସଙ୍କୁ ଆକ୍ରମଣ କରିଥିଲା। ଶ୍ରୀନିବାସ ଗାଁ ନିକଟ ବାଉଁଶ ବୁଦାରୁ ବାଉଁଶ ସଂଗ୍ରହ କରିବାକୁ ଯାଇଥିବା ବେଳେ ହାତୀ ତାଙ୍କୁ ପାଦରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା। ଏହି ଘଟଣାର ପ୍ରାୟ ଅଧଘଣ୍ଟା ପରେ ଉକ୍ତ ହାତୀ ସାନକନ୍ତକୁଳ ଗ୍ରାମରୁ ଅଢ଼େଇ କିଲୋମିଟର ଦୂର ଗଡ଼ତରାସ ପଞ୍ଚାୟତ ଅରାଡିହ ଗ୍ରାମରେ ପଶି ବାଉଁଶ ବାଡ଼ ଦେଉଥିବା ଅରୁଣଙ୍କୁ ଆକ୍ରମଣ କରିଥିଲା। ଖବରପାଇ ବନ ବିଭାଗ ଅରୁଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ହାତୀ ଆକ୍ରମଣ ଘଟଣାକୁ ନେଇ ସାନକନ୍ତକୁଳରେ ଉତ୍ତେଜନା ଦେଖାଦେଇଥିଲା। ଲୋକମାନେ ବନ କର୍ମଚାରୀଙ୍କୁ ଟଣାଓଟରା ସହ ଅଟକ ରଖିଥିଲେ। ବନ୍ତଲା ଥାନା ଅଧିକାରୀ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏ ନେଇ ବନ୍ତଲା ବନାଞ୍ଚଳ ଅଧିକାରୀ ନିଳଦ୍ରୀନାଥ ସାହୁ କହିଛନ୍ତି, ହାତୀ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଗୋଟିଏ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସାନକନ୍ତକୁଳ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ପରିବାରକୁ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ।

# ଅପହୃତା ନାବାଳିକା ବୋରିଗୁମ୍ମାରୁ ଉଦ୍ଧାର

**ଅପହରଣ କରି ବଳାତ୍କାର ଅଭିଯୋଗ**

**ଜୟପୁର, ୨୦।୬ (ପବନ ପାଣିଗ୍ରାହୀ)**

ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିଥିବା ଟାଉନଥାନାରେ ଅଭିଯୋଗ ହେବା ପରେ ପୋଲିସ ବିଭିନ୍ନ ସ୍ଥାନରେ ଛନଭିନ୍ କରି ତାଙ୍କୁ ବୋରିଗୁମ୍ମାରୁ ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ଧରିଛି। ନାବାଳିକାଙ୍କୁ ଅପହରଣ କରାଯାଇ ତାଙ୍କୁ ବଳାତ୍କାର କରାଯାଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ବୋରିଗୁମ୍ମା ଥାନା ଫୁଙ୍ଫୁଗାଁରେ ନାବାଳିକା ଥିବା ପୋଲିସ ସୂଚନା ପାଇ ସେଠାରୁ ତାଙ୍କୁ ଉଦ୍ଧାର କରି ନାବାଳକଙ୍କୁ ଧରିଥିଲା। ଡାକ୍ତରି ମଇନା ପରେ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସମ୍ପୃକ୍ତ ନାବାଳକଙ୍କୁ ଜୁଭେଲାଇନ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି ।

## ପ୍ରଥମ ପୃଷ୍ଠାରୁ...

### ୭ ଭାରତୀୟ କଫ୍ ସିରପ ...

ପରିମାଣ ଅଧିକ ମାତ୍ରାରେ ରହିଥିବା ଡବ୍ଲ୍ୟୁଏଚ୍ଓ ତଦନ୍ତରୁ ସ୍ପଷ୍ଟ ହୋଇଛି। ଆମେରିକାର ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍ସନ୍(ସିଡିସି) ଏବଂ ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିଆର ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ମଧ୍ୟ ଭାରତରେ ନିର୍ମିତ କଫ୍ ସିରପ୍ ଯୋଗୁ ଏତେ ସଂଖ୍ୟକ ପିଲାଙ୍କ ମୃତ୍ୟୁ ଘଟିଥିବା ମିଳିତ ତଦନ୍ତରୁ ଜାଣିବାକୁ ପାଇଥିଲେ।

ଭାରତର କସ୍‌ମେଟିକ୍ସ, ଫାର୍ମାସ୍ୟୁଟିକାଲ୍ସ ଏବଂ ଡାକ୍ତରୀ ଉପକରଣଗୁଡ଼ିକର ଜାତୀୟ ନିୟାମକ ସଂସ୍ଥା ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ୍ (ସିଡିଏସ୍‌ସିଓ) ପକ୍ଷରୁ କୁହାଯାଇଛି ଯେ, ରପ୍ତାନି ପୂର୍ବରୁ ଔଷଧଗୁଡ଼ିକର ଉପଯୁକ୍ତ ମାନର ହୋଇଥିବା ନେଇ ସୁନିଶ୍ଚିତ କରିବା ଲାଗି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନୂଆ ବ୍ୟବସ୍ଥା କରିଛି। ଭାରତର ୪ କେନ୍ଦ୍ରୀୟ ଏବଂ ୨ ଆଞ୍ଚଳିକ ଔଷଧ ଯାଞ୍ଚକାରୀ ଲାବରେଟୋରି କିମ୍ବା କୌଣସି ଏନ୍‌ଏବିଏଲ୍ ସ୍ୱୀକୃତିପ୍ରାପ୍ତ ଲାବ୍‌ଠାରୁ 'ସାର୍ଟିଫିକେଟ୍ ଅଫ୍ ଆନାଲିସିସ୍' ହାସଲ କରିଥିବା କମ୍ପାନୀ ହିଁ ସିରପ ରପ୍ତାନି କରିପାରିବେ ବୋଲି ଗତ ମେ'ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ଅନୁମତି ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ଡବ୍ଲ୍ୟୁଏଚ୍ଓର ଉପରୋକ୍ତ ପଦକ୍ଷେପ ପରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି, ବିଷାକ୍ତ ଔଷଧକୁ ନେଇ ଭାରତ 'ଶୂନ ସହନଶୀଳ' ନୀତି ଆପଣାଇଛି। ୭୧ଟି କମ୍ପାନୀକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସେଗୁଡ଼ିକ ମଧ୍ୟରୁ ୧୮ କମ୍ପାନୀକୁ ବନ୍ଦ କରାଗଲାଣି। ଔଷଧ ସେବନ କରି କେହି ଯେପରି ମୃତ୍ୟୁମୁଖରେ ନ ପଡ଼ିବେ ତାହା ସୁନିଶ୍ଚିତ କରିବା ଲାଗି ଗୁଣବତ୍ତାଯୁକ୍ତ ଉତ୍ପାଦନ ଉପରେ ବିସ୍ତୃତ ଅଧ୍ୟୟନ କରାଯାଉଛି। ଔଷଧର ମାନକୁ ନେଇ ଯେତେବେବେଳେ ବି ପ୍ରଶ୍ନ ଉଠିବ ତଥ୍ୟର ଯାଞ୍ଚ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

### ବାଟରେ ଅଟକିଲା ....

ଘଣ୍ଟଘଣ୍ଟା, ନୃତ୍ୟ, ସଙ୍ଗୀତ ମଧ୍ୟରେ ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ଭକ୍ତିର ସହ ରଥକୁ ଭିଡ଼ି ନେଇଥିଲେ। ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନି ସହ ଭକ୍ତମୟ ତଥା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଘୋର ଘୋର ନାଦ ଦେଇ ରଥ ସବୁ ଶ୍ରୀଗୁଣ୍ଡିଚା ଅଭିମୁଖେ ଗଡ଼ିଥିଲା। ତେବେ ପ୍ରବଳ ଖରା ଗୁଳୁଗୁଳି ସତ୍ତ୍ୱେ ୧୦ରୁ ୧୨ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ଶ୍ରୀକ୍ଷେତ୍ରରେ ହୋଇଥିଲା। ତେବେ ଗୋଟିଏ ଦୁଇଟି ଘଟଣାକୁ ଛାଡ଼ିଦେଲେ ମହାପ୍ରଭୁଙ୍କ ରଥଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି।

ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ଭୋର ୫ଟା ୨୦ରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ସେନାପଟା ଲାଗି ନୀତି ସମ୍ପନ୍ନ କରିଥିଲେ। ପରେ ଭୋର ୫ଟା ୫୦ରେ ମଙ୍ଗଳ ଆଳତି, ସକାଳ ୫ଟା ୫୫ରେ ମଇଲମ, ତଡ଼ପ ଲାଗି ୬ଟା, ଅବକାଶ ୬ଟା।୧୦, ସୂର୍ଯ୍ୟପୂଜା ୬.୩୦, ଦ୍ୱାରପାଳ ପୂଜା ୬.୫୦ରେ ହେବା ସହ ବେଶ ୬ଟା ୪୦ ଶେଷ ହୋଇଥିଲା। ସେହିପରି ଗୋପାଳ ବଲ୍ଲଭ ଓ ସକାଳ ଧୂପ ସକାଳ ୮ଟା ୫, ରଥ ପ୍ରତିଷ୍ଠା ୮ଟା ୧୫, ମଙ୍ଗଳାର୍ପଣ ୮ଟା ୨୦, ମଙ୍ଗଳାର୍ପଣ ପରେ ପୁଷ୍ପାଞ୍ଜଳି ୮ଟା ୨୫, ଡୋର ଲାଗି ୮ଟା ୨୫ରେ ହୋଇ ୮.୩୦ ସୁଦ୍ଧା ପହଣ୍ଡି ଆରମ୍ଭ ହୋଇଥିଲା। ପର୍ଯ୍ୟାୟକ୍ରମେ ଶ୍ରୀବିଗ୍ରହମାନଙ୍କ ଧାଡ଼ି ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ର, ମା ସୁଭଦ୍ରା ପହଣ୍ଡି ହୋଇଥିବା ବେଳେ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ହୋଇ ରଥକୁ ଆସିଥିଲେ। ୧୨ ଟା ୫ରେ ଦାରୁବିଗ୍ରହଙ୍କ ପହଣ୍ଡି ଶେଷ ହୋଇଥିଲା। ପରେ ଚଳନ୍ତି ପ୍ରତିମା ରାମକୃଷ୍ଣ ଏବଂ ଶ୍ରୀମଦନମୋହନ ପହଣ୍ଡି ହୋଇ ୧୨ଟା ୨୦ରେ ରଥାରୂଢ଼ ହୋଇଥିଲେ। ଠାକୁରମାନଙ୍କୁ ସୋଲ ଚିତା ଲାଗି କରାଯାଇଥିଲା ୧୨ଟା ୪୦ରେ। ମଇଲମ ପରେ ବେଶ ହୋଇ ଶେଷ ହୋଇଥିଲା ୧୨ଟା ୫୫। ପରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ରଥକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏହାପରେ ଗଜପତି ମହାରାଜା ସୁନା ଖଡ଼ିକାରେ ଛେରାପହଁରା ପାଇଁ ତିନି ରଥକୁ ତାମଜାନରେ ବିଜେ କରିଥିଲେ। ପରମ୍ପରା ଅନୁଯାୟୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଛେରାପହଁରା କରିଥିଲେ। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶେଷରେ ମା' ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଛେରାପହଁରା କରିଥିଲେ। ତିନି ରଥର ଛେରାପହଁରା ଅପରାହ୍ନ ୨ଟା ୪୫ରେ ସରିଥିବାବେଳେ ଚାରମାଳ ଫିଟା ଓ ଘୋଡ଼ା ଲାଗିଥିଲା ୨ଟା ୫୫ରେ।

ଏହାପରେ ଅପରାହ୍ନ ୩ଟାରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ଅତି ଭକ୍ତି ଏବଂ ଉତ୍ସାହର ସହିତ ବଡ଼ଠାକୁରଙ୍କ ରଥକୁ ଟାଣିଥିଲେ। ପରେ ମା' ସୁଭଦ୍ରାଙ୍କ ରଥ ଟଣା ୩ଟା ୪୦ରେ ହୋଇଥିଲା ଏବଂ ଶେଷରେ ମହାପ୍ରଭୁଙ୍କ ରଥ ୪ଟା ୫୫ରେ ଟଣା ଆରମ୍ଭ ହୋଇଥିଲା। ଜୟ ଜଗନ୍ନାଥ ଧ୍ୱନିରେ ଶ୍ରଦ୍ଧାଳୁମାନେ ରଥକୁ ଶ୍ରୀଗୁଣ୍ଡିଚା ଅଭିମୁଖେ ଟାଣି ନେଇଥିଲେ। ତେବେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଟଣା ଆରମ୍ଭ ହେବା ସମୟରେ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ରହି ରଥ ଦଉଡ଼ି ଧରି ଜୟ ଜଗନ୍ନାଥ କହି ରଥ ଟାଣିଥିଲେ। ଏହି ସମୟରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍.ମୁରଲୀଧରଙ୍କ ସମେତ ଅନେକ ମନ୍ତ୍ରୀ ଏବଂ ନେତା ମଧ୍ୟ ଉପସ୍ଥିତ ଥିଲେ। ତେବେ ରଥଟଣା ବେଳେ ରଥଗୁଡ଼ିକ ମୋଡ଼ ନେବା ସମୟରେ ସମୟ ନେଇଥିବାରୁ ରଥଗୁଡ଼ିକ ସନ୍ଧ୍ୟା ସୁଦ୍ଧା ଗୁଣ୍ଡିଚାମନ୍ଦିରରେ ପହଞ୍ଚିପାରି ନ ଥିଲା। ତେବେ ପ୍ରଶାସନ ପକ୍ଷରୁ ଲାଇଟ୍ ଲଗାଯାଇ ରଥ ଟଣାଯାଇଥିଲା। ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୧୭୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ। ଗରମ ଓ ଖରାକୁ ଦେଖି ପ୍ରଶାସନ ପକ୍ଷରୁ ପାଣି ସିଞ୍ଚନ କରାଯାଇଥିଲା। ତେବେ ସନ୍ଧ୍ୟା ୭ଟା ପରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଶରଧାବାଲିରେ ପହଞ୍ଚି ଥିବାବେଳେ ମା' ସୁଭଦ୍ରାଙ୍କ ରଥ ସଂଗ୍ରାମ କ୍ଲବ ନିକଟରେ ରହିଛି। ସେହିପରି ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ମଧ୍ୟ ଅକ୍ଷୟପାତ୍ର ଫାଉଣ୍ଡେଶନ ପାଖରେ ଅଟକି ରହିଛି।

### ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨୦।୬(ସୁନିତ୍ ମିଶ୍ର)

ପବିତ୍ର ରଥଯାତ୍ରା ଉପଲକ୍ଷେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଟୁଇଟ୍‌କରି କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଉପଲକ୍ଷେ ସମସ୍ତ ଦେଶବାସୀଙ୍କୁ ବିଶେଷକରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଯେ, ଭକ୍ତି ଓ ସମର୍ପଣର ଏ ମହାପର୍ବ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଦେଉ। ଜୟ ଜଗନ୍ନାଥ।

ଉପରାଷ୍ଟ୍ରପତି ଜଗଦୀପ୍ ଧନକର ଟୁଇଟ୍ କରି କହିଛନ୍ତି, ସମସ୍ତଙ୍କୁ ମହାପ୍ରଭୁଙ୍କ ରଥଯାତ୍ରା ଅବସରରେ ଶୁଭେଚ୍ଛା। ମହାପ୍ରଭୁଙ୍କ ଆଶୀର୍ବାଦରେ ସମସ୍ତ ଜଗନ୍ନାଥପ୍ରେମୀଙ୍କ ସୁଖ, ଶାନ୍ତି ଏବଂ ସମୃଦ୍ଧି କାମନା କରୁଛି। ଏହା ସମଗ୍ର ଦେଶବାସୀଙ୍କ ପାଇଁ ଏକ ଖୁସିର ମୁହୂର୍ତ୍ତ ବୋଲି ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍‌କରି ସମସ୍ତଙ୍କୁ ରଥଯାତ୍ରା ଶୁଭେଚ୍ଛା ଜଣାଇବା ସହିତ ଏହି ଅଭୂତପୂର୍ବ ମୁହୂର୍ତ୍ତକୁ ସମସ୍ତେ ପାଳନ କରିବାକୁ କହିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ଏହି ଅଭୂତପୂର୍ବ ଯାତ୍ରା ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଟୁଇଟ୍ କରି କହିଛନ୍ତି ଯେ, ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ସନାତନ ସଂସ୍କୃତିର ଏକ ବଡ ଉତ୍ସବ। ଏହାକୁ ଦେଶର କୋଟି କୋଟି ସଂଖ୍ୟାର ଲୋକମାନେ ଭକ୍ତିଭାବ ସହ ମାନିଥାଆନ୍ତି। ସମସ୍ତଙ୍କୁ ରଥଯାତ୍ରା ଅବସରରେ ହାର୍ଦ୍ଦିକ ଶୁଭକାମନା। ରଥଯାତ୍ରାର ଏହି ପର୍ବ ସଭିଙ୍କ ଜୀବନରେ ଶାନ୍ତି, ସମୃଦ୍ଧି ଓ ବୈଭବ ଆଣିଦେଉ ବୋଲି ସେ କହିଛନ୍ତି।

### ସିଗ୍‌ନାଲ ଜେଇଙ୍କୁ ...



ସୋର ସେକ୍ସନ ସିଗନାଲ ଜେଇଙ୍କ ଭଡ଼ା ଘରେ ସିବିଆଇ ଟିମ୍ ।

ଖାନ୍ ଓ ତାଙ୍କ ସ୍ତ୍ରୀ ଘରେ ନ ଥିବାରୁ ସିବିଆଇ ଅପେକ୍ଷା କରି ସନ୍ଧ୍ୟାରେ ଘର ସିଲ୍ କରି ଆସିଥିଲା। ହେଲେ ସୋର ଥାନାର ଦୁଇଜଣ ପୋଲିସ କର୍ମଚାରୀ ଘର ଜଗି ରହିଥିଲେ। ଜେଇଙ୍କ ସ୍ତ୍ରୀ ପଶ୍ଚିମବଙ୍ଗସ୍ଥିତ ବାପ ଘରକୁ ଯାଇଥିବା ସୂଚନା ମିଳିଛି। ଗତ ଜୁନ୍ ୨ତାରିଖରେ ଘଟିଥିବା ଏହି ଘଟଣାର ତଦନ୍ତ ଭାର ସିବିଆଇ ନେବାପରଠୁ ଏହା ପଛର କାରଣ ଖୋଜୁଛି। ଏଯାଏ ଷ୍ଟେଶନ ମ୍ୟାନେଜରଙ୍କ ସହ ୧୨ଜଣ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଏକାଧିକ ଥର ପଚରାଉଚୁରା କରିବା ସହ ବୟାନ ରେକର୍ଡ କରିଛନ୍ତି ତଦନ୍ତକାରୀ ଟିମ୍। ଦୁର୍ଘଟଣା ମନୁଷ୍ୟକୃତ ନା ଯାନ୍ତ୍ରିକ ତ୍ରୁଟିଜନିତ, ତାହା ଜାଣିବା ପାଇଁ ବୈଷୟିକ ଅଧିକାରୀଙ୍କ ସହାୟତା ବି ଲୋଡ଼ାଯାଇଛି। ଷ୍ଟେଶନର ପ୍ୟାନେଲ୍ ବୋର୍ଡ, ରିଲେ ରୁମ୍ ଓ ସିଗ୍‌ନାଲ୍ ରୁମ୍ ସିଲ୍ ହୋଇଥିବାବେଳେ କିଛି ଯାନ୍ତ୍ରିକ ଉପକରଣ ମଧ୍ୟ ଜବତ ହୋଇଛି। ଗତ ଦୁଇ ବର୍ଷ ଧରି ପଶ୍ଚିମବଙ୍ଗ ଡାକୁନୀ ଅଞ୍ଚଳର ଅମିର ଖାନ ସୋର ଷ୍ଟେଶନରେ ନିଯୁକ୍ତି ପାଇ ମାର୍କୋଣା, ରାଣିତାଲ, ବାହାନଗା ଷ୍ଟେଶନ ଦାୟିତ୍ୱ ତୁଲାଉଥିଲେ।

ଉଲ୍ଲେଖଯୋଗ୍ୟ, ବାହାନଗା ଟ୍ରେନ ଦୁର୍ଘଟଣାକୁ ଇତିମଧ୍ୟରେ ୧୮ଦିନ ବିତିଥିବାବେଳେ ଏଥିରେ ୨୯୨ ଜଣଙ୍କ ମୃତ୍ୟୁ ଘଟିଛି। ଏପରି କି ବହୁ ଲୋକ ଆହତ ଓ ଗୁରୁତର ହୋଇଛନ୍ତି। ରେଳ ମନ୍ତ୍ରୀଙ୍କ ସୁପାରିସ୍ କ୍ରମେ ସିବିଆଇ ଏହାର ତଦନ୍ତ କରୁଛି। ସିବିଆଇ ଟିମ୍ ବାଲେଶ୍ୱରରେ ଡେରା ପକାଇଛନ୍ତି ଏବଂ ବାହାନଗା ଷ୍ଟେଶନକୁ ବାରମ୍ବାର ଗସ୍ତ କରୁଛନ୍ତି। ପୂର୍ବରୁ ସିବିଆଇର ଏକ ୪ଜଣିଆ ଟିମ୍ ଦୁର୍ଘଟଣା ସମୟରେ କ୍ଷତିଗ୍ରସ୍ତ ଟ୍ରାକର ସ୍କାନିଂ କରି ସାରିଛନ୍ତି। ଏହାପୂର୍ବରୁ ସିବିଆଇର ୨ଜଣିଆ ଟିମ୍ ଦୁର୍ଘଟଣାସ୍ଥଳ ବୁଲି ଦେଖିଥିଲେ। ପରେ ବିଭିନ୍ନ ସ୍ଥାନରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଥିଲେ। ରିଲେ ରୁମ୍‌କୁ ଯାଇ ସେଠାରେ ମଧ୍ୟ ତନାଘନା କରିଥିଲେ। ଷ୍ଟେଶନରେ ଥିବା ବିଭିନ୍ନ କମ୍ପ୍ୟୁଟରର ହାର୍ଡ ଡିସ୍କ୍ ଜବତ କରିଥିଲେ। ଏହାବ୍ୟତୀତ ସେଠାରେ ରେକର୍ଡ ହୋଇଥିବା ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଥିଲେ। ପରେ ବାହାନଗା ବଜାର ଷ୍ଟେଶନ ଭିତରେ ଥିବା ପ୍ରାଇଭେଟ ନମ୍ବର ଏକ୍ସଚେଞ୍ଜ ବୁକ୍ ଯାଞ୍ଚ କରିଥିଲେ।

ଅପରପକ୍ଷରେ ବାହାନଗାରେ ରେଳ ଦୁର୍ଘଟଣା ପରେ ଷ୍ଟେଶନ ମାଷ୍ଟର ଓ ପଏଣ୍ଟସ୍ ମ୍ୟାନ ନିଖୋଜ ହେବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଦକ୍ଷିଣପୂର୍ବ ରେଳପଥ ସିପିଆରଓ ଆଦିତ୍ୟ ଚୌଧୁରୀ ମଙ୍ଗଳବାର ଖଣ୍ଡନ କରିଛନ୍ତି। ଦୁର୍ଘଟଣାର ତଦନ୍ତ ପ୍ରକ୍ରିୟା ଜାରି ରହିଛି। ଘଟଣା ପରବର୍ତ୍ତୀ ମୁହୂର୍ତ୍ତରେ ସିବିଆଇ ବାହାନଗା ଦୁର୍ଘଟଣାର ଷ୍ଟେଶନ ମାଷ୍ଟର, ପଏଣ୍ଟସ୍ ମ୍ୟାନ ଓ ଅନ୍ୟ କେତେକ ଅଧିକାରୀଙ୍କୁ ନିଜ ହେପାଜତରେ ରଖିଥିଲା। କୌଣସି ଅଧିକାରୀ ନିଖୋଜ ନାହାନ୍ତି ବୋଲି ଚୌଧୁରୀ ଏକ ଭିଡିଓ ବାର୍ତ୍ତାରେ ସ୍ପଷ୍ଟୀକରଣ ଦେଇଛନ୍ତି।

ଅନ୍ୟପକ୍ଷରେ ଉକ୍ତ ରୁଟ୍‌ରେ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇପାରିନି। ହାତଗଣତି ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରୁଥିବାବେଳେ ବହୁ ଏକ୍ସପ୍ରେସ୍ ଟ୍ରେନ୍ ବାତିଲ ଅଛି। ସେହିପରି କିଛି ଟ୍ରେନ୍‌ର ଗତିପଥକୁ ବଦଳାଯାଇଛି। ଅନ୍ୟପଟେ ଦୁଇଟି ପାସେଞ୍ଜରକୁ ଛାଡ଼ିଦେଲେ ବାକି ସବୁ ପାସେଞ୍ଜର ବନ୍ଦ ରହିଛି।

### ଯୁକ୍ତ୨ ନାମଲେଖା ...

ନାମଲେଖା ପ୍ରକ୍ରିୟା ଜୁଲାଇ ୧୯ ମଧ୍ୟରେ ସରିବ। ସେହିପରି ଅନଲାଇନ୍ ସ୍ପଟ୍ ନାମଲେଖା ପ୍ରକ୍ରିୟା ଜୁଲାଇ ୨୬ ଓ ୨୭ ଦୁଇଦିନ ଧରି ଚାଲିବ। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ୨୯ ଜୁଲାଇରୁ ଯୁକ୍ତ୨ ପାଠପଢ଼ା ଆରମ୍ଭ କରାଯିବ। ସୂଚନାଥାଉ କି, ମଙ୍ଗଳବାର ରାତି ୮ଟା ସୁଦ୍ଧା ୪,୪୯, ୫୭୯ଜଣ ଛାତ୍ରୀଛାତ୍ର ଯୁକ୍ତ୨ରେ ନାମ ଲେଖାଇବାକୁ ଆବେଦନ କରିଥିବାବେଳେ ୪,୮୨,୬୨୭ଜଣ ପଞ୍ଜୀକରଣ କରିଛନ୍ତି। ସେହିପରି ୪,୪୫,୦୧୩ ଜଣ ଅନ୍‌ଲାଇନରେ ଦେୟ ପୈଠ କରିଛନ୍ତି।

### ୭ ଜିଲାରେ ...

ନିୟମିତ ସମୟାନୁସାରେ ବିଦ୍ୟାଳୟ ଚାଲିବ। ସୁବର୍ଣ୍ଣପୁର ଜିଲାରେ ୨୩ ତାରିଖରେ ବିଦ୍ୟାଳୟ ଖୋଲିବା ସହ ସକାଳୁଆ ସ୍କୁଲ ହେବ। ସକାଳ ୬ଟା ୩୦ରୁ ସାଢ଼େ ୯ଟା ଯାଏ ପାଠପଢ଼ା ଚାଲିବ। ୨୬ ତାରିଖଠାରୁ ନିୟମିତ ସମୟାନୁସାରେ ପାଠପଢ଼ା ହେବ ବୋଲି କୁହାଯାଇଛି। ସେହିପରି ନୂଆପଡା ଜିଲାରେ ମଧ୍ୟ ୨୩ ତାରିଖରେ ଖୋଲିବ ସ୍କୁଲ। ସକାଳ ୬ଟା ୩୦ରୁ ୧୦ଟା ପର୍ଯ୍ୟନ୍ତ ପାଠପଢ଼ା ହେବ। ୨୬ ତାରିଖଠାରୁ ନିୟମିତ ସମୟାନୁସାରେ ବିଦ୍ୟାଳୟ ଚାଲିବ। ଏ ନେଇ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୧୯ ତାରିଖରେ ସମସ୍ତ ବିଦ୍ୟାଳୟ ଖୋଲିବାର ଥିଲା। ମାତ୍ର ଗ୍ରୀଷ୍ମ ପ୍ରବାହ ଓ ରଥଯାତ୍ରାକୁ ଦୃଷ୍ଟିରେ ରଖି ଗ୍ରୀଷ୍ମ ଛୁଟି ଅବଧିକୁ ୨୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏପରିକି ସ୍ଥାନୀୟ ଗ୍ରୀଷ୍ମ ପ୍ରଭାବ ସ୍ଥିତିକୁ ନେଇ ବିଦ୍ୟାଳୟ ଖୋଲିବା ନିଷ୍ପତ୍ତିରେ ଜିଲାପାଳମାନେ ପରିବର୍ତ୍ତନ କରିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ପଶ୍ଚିମ ଓଡ଼ିଶାରେ ତାପମାତ୍ରା ଅଧିକ ରହୁଥିବାରୁ ଉପରୋକ୍ତ ୫ ଜିଲାର ଜିଲାପାଳମାନେ ଗ୍ରୀଷ୍ମଛୁଟିକୁ ବୃଦ୍ଧି କରିଛନ୍ତି।

### ସାଲିଭାରୁ ...

୩୦ ମିନିଟ୍ ପରେ ସାଲିଷ୍ଟିକ୍ ଦ୍ୱାରା ଗର୍ଭପରୀକ୍ଷା କରାଯାଇପାରିବ। ଜେରୁଜେଲମର ହେବ୍ରେଉ ୟୁନିଭର୍ସିଟି ବିଶେଷଜ୍ଞଙ୍କ ଦ୍ୱାରା ସାଲିଗ୍ନୋଷ୍ଟିକ୍ ଷ୍ଟାର୍ଟଅପ୍ କମ୍ପାନୀ ଖୋଲାଯାଇଛି। ୨୦୧୬ରେ ସାଲିଷ୍ଟିକ୍ ସମ୍ପର୍କରେ କମ୍ପାନୀ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ଇସ୍ରାଏଲର ପାଖାପାଖି ୩୦୦ ମହିଳାଙ୍କୁ ନେଇ ଏହାର କ୍ଲିନିକାଲ ଟ୍ରାଏଲ୍ କରାଯାଇଥିଲା। ପରିସ୍ରାରୁ ଗର୍ଭ ପରୀକ୍ଷା ଜାଣିବା କୌଶଳ ୫୦ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। କିନ୍ତୁ ବର୍ତ୍ତମାନ ସାଲିଷ୍ଟିକ୍ ଜରିଆରେ ସହଜ ଏବଂ ହାଇଜିନ୍ ମେଥଡ୍‌ରେ ମହିଳାମାନ ଗର୍ଭଧାରଣ ପରୀକ୍ଷା କରିପାରିବେ ବୋଲି ସାଲିଷ୍ଟିକ୍‌ର ବଜାର ବିକ୍ରି କରାଉଥିବା ସୁପରଡ୍ରଗ୍‌ର ନିର୍ଦ୍ଦେଶକ କାରିସ୍ ନ୍ୟୁସନ୍ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ମିତ୍ରଗୃହୀ ବୁଧଙ୍କ ଯୋଗୁ ଆଜି ମନରେ ଉତ୍ତେଜନାକୁ ନିୟନ୍ତ୍ରିତ କରି ସହୃଦୟତାର ସହ ବାକ୍ୟାଳାପ କରିବାରେ ସମର୍ଥ ହେବେ। ପାରିବାରିକ ସମ୍ପର୍କକୁ ପ୍ରାଧାନ୍ୟ ଦେଇ ଅନ୍ୟମାନଙ୍କର ଚକ୍ଷୁଶୂଳ ହେବାକୁ ପଡ଼ିପାରେ। ମୁହଁ ସାମନାରେ ଭଲ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ।

**ବୃଷ** ପଡ଼ୋଶୀ ସହଯୋଗରୁ କୌଣସି କାମ ଅଟକିବ ନାହିଁ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ରବିଙ୍କ ପ୍ରଭାବରୁ ଜଣେ ପଦସ୍ଥଙ୍କ ସାନ୍ନିଧ୍ୟ ଲାଭ କରି ସ୍ୱାର୍ଥ ହାସଲ ଚେଷ୍ଟା କରିପାରନ୍ତି। ଘରୋଇ କ୍ଷେତ୍ରରେ ଅଭାବ ନ ଥିଲେ ମଧ୍ୟ ସନ୍ତାନ ହେତୁକ ପୀଡ଼ା ଅନୁଭବ କରିବେ।

**ମିଥୁନ** ଚନ୍ଦ୍ର କେନ୍ଦ୍ରସ୍ଥ ରାହୁ ହେତୁ ମନର ଅଶାନ୍ତି ଓ ରାଗକୁ ନିୟନ୍ତ୍ରଣରେ ରଖିପାରିବେ ନାହିଁ। ଆଜି ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଆପ୍ୟାୟିତ କରି ଅର୍ଥଲାଭର ମାର୍ଗକୁ ସୁଗମ କରିପାରନ୍ତି। କୌଣସି କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ** ରାଶ୍ୟାଧିପତି ସ୍ୱଗୃହୀ ଯୋଗୁ ପରିସ୍ଥିତି ପ୍ରତି ସଚେତନ ରହି କାମ କରିବାରେ ସଫଳ ହେବେ। କୁଟୁମ୍ବ ଲୋକଙ୍କ ସହ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିଲେ ମଧ୍ୟ ପ୍ରକାଶ୍ୟରେ କିଛି କହିପାରିବେ ନାହିଁ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଆତ୍ମବିଭୋର ହେବେ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ।

**ସିଂହ** ଶନି ଦୃଷ୍ଟ ଗୁରୁଙ୍କ ହେତୁ ସମସ୍ୟାଭାରରେ ଅତିଷ୍ଠ ହୋଇ ମାନସିକ ଅସ୍ଥିରତା ଅଶାନ୍ତି ସୃଷ୍ଟି କରିବ। କିନ୍ତୁ କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ଅଫିସିଆଲି କାମକ୍ଷେତ୍ରରେ ଟେନ୍‌ସନ ଦୂର ହେବାରେ ଉପରିସ୍ଥ କର୍ମଚାରୀ ସାହାଯ୍ୟ କରିବେ। କଚେରି ମାମଲାର ଶୁଣାଣିରୁ ମନ ଖୁସି ରହିବ।

**କନ୍ୟା** ଚତୁର୍ଥସ୍ଥାନ ବୃହସ୍ପତି ଦୃଷ୍ଟ ଯୋଗୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ ଆଶା ମନରେ ଦୁଃଖ ଦେଇପାରେ ଓ କଳହର ସମ୍ଭାବନା ରହିଛି। ଆଳସ୍ୟଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି।

**ତୁଳା** ଚନ୍ଦ୍ର ଯୁକ୍ତ ଶୁକ୍ରଜନିତ କାହାକୁ କିଛି ନ କହିଲେ ମଧ୍ୟ ମନ ଭିତରଟା ବିଶେଷ ଭଲ ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କଠାରୁ ଦୂରତା ରଖି କାମ କରିବା ଭଲ। ଫେରି ଯାଉଥିବା ବନ୍ଧୁଟି ଲେଉଟି ଆସିବା ଯୋଗୁ ନିଜର କାମ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯିବ। ଭୁଲ୍ ବୁଝାମଣା ହେତୁ ସମସ୍ୟା ବୃଦ୍ଧିର ଆଶଙ୍କା ଦେଖାଦେବ।

**ବିଛା** ଅଷ୍ଟମସ୍ଥ ରବିଙ୍କ ଯୋଗୁ କର୍ମକ୍ଷେତ୍ର ପ୍ରତି ଆନୁଗତ୍ୟ ଉପରିସ୍ଥଙ୍କୁ ଖୁସି କରାଇବାରେ ବିଫଳ ହେବେ। ବ୍ୟବସାୟ କ୍ଷେତ୍ରରେ ଆପଣ ଯେତେ ପାଇଲେ ମଧ୍ୟ ଖୁସି ହୋଇପାରିବେ ନାହିଁ। ଦୋକାନ, ପରିବହନ, ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିବେ। ପରିବାର ସଦସ୍ୟଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ** ରାହୁ ଯୁକ୍ତ ଗୁରୁଙ୍କ ଯୋଗୁ କୌଣସି ପରିଚିତଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ ସମସ୍ୟା ଲାଗି ରହିବ କିନ୍ତୁ କାମ ଅଟକିବ ନାହିଁ। ଅଫିସରେ ଅବସର ସମୟରେ ସହକର୍ମୀଙ୍କ ସହ ମିଷ୍ଟାଳାପରୁ ଖୁସି ରହିବେ। ଶିକ୍ଷା ଓ ପରୀକ୍ଷାରେ ପିଲାଙ୍କ ସଫଳତାକୁ ନେଇ ଆନନ୍ଦ ଅନୁଭବ କରିବେ।

**ମକର** ସପ୍ତମସ୍ଥ ଏକାଧିକଗ୍ରହଜନିତ କୌଣସି ବ୍ୟକ୍ତିଠାରୁ ହଠାତ୍ କୌଣସି ଖବର ପାଇ ବିଚଳିତ ହେବେ। ଉପରିସ୍ଥ ଅଧିକାରୀ କାମହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**କୁମ୍ଭ** ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ଶୁକ୍ରଙ୍କ ସୁପ୍ରଭାବରୁ କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି। କର୍ମକ୍ଷେତ୍ରରେ ବାଦାନୁବାଦ ଜନିତ ଅଶାନ୍ତି ଲାଗି ରହିବା କାରଣରୁ ମନ ଅସ୍ଥିର ରହିବ।

**ମୀନ** ସଂଯମତା ଅଭାବରୁ କର୍ମ କ୍ଷେତ୍ରରେ ଅଫିସରଙ୍କ ସହ ସମ୍ପର୍କ ହାନି ଚିନ୍ତାର କାରଣ ହେବ। ଚନ୍ଦ୍ରଙ୍କ ପ୍ରଭାବରେ ପିଲାଙ୍କ ସମସ୍ୟା ସମାଧାନ ପୂର୍ବକ ଖୁସି ଅନୁଭବ କରିବେ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ବାହାରକୁ ଯିବା ସମୟରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରିବେ।

ଆଜି ଆଷାଢ଼ଶୁକ୍ଳ ତୃତୀୟା ଯୁକ୍ତ ଚତୁର୍ଥୀ ବୁଧବାର, ଜୁନ୍ ୨୧ ତାରିଖ, ଅନ୍ତର୍ଜାତୀୟ ଯୋଗ ଦିବସ, ଦିବା ଘ.୧୦.୪୧ମି. ଗତେ ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ତୃତୀୟାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ସକାଳ ଘ.୦୭.୫୦ମି. ଗତେ ଘ.୦୮.୩୦ମି. ମଧ୍ୟେ ଘ.୧୦.୦୯ମି.ଗତେ ଘ.୧୧.୨୨ମି. ମଧ୍ୟେ ଶୁଭ ଶୁଦ୍ଧବେଳା। ଦିବା ଘ.୧୧.୪୮ମି. ଗତେ ଘ.୦୧.୨୭ମି. ମଧ୍ୟେ ରାହୁକାଳ।

# ଏମ୍‌କେସିଜିରେ ଲିଫ୍ଟ ଅଚଳ, ରୋଗୀ ହନ୍ତସନ୍ତ

ବ୍ରହ୍ମପୁର,୨୦।୬(ସୁବାସ ଚନ୍ଦ୍ର ପାଢ଼ୀ)

ଏମ୍‌କେସିଜି ମେଡ଼ିକାଲର ଲିଫ୍ଟ ଅଚଳ ପଡ଼ିଛି। ଯାହାଫଳରେ ଡ଼ାକ୍ତର, କର୍ମଚାରୀ, ରୋଗୀ ଓ ତାଙ୍କ ସମ୍ପର୍କୀୟ ଅଧିକାଂଶ ସମୟରେ ମେଡ଼ିକାଲରେ ଥିବା ଲିଫ୍ଟରେ ଫସିରହୁଥିବା ନଜିର ରହିଛି। ଗତ କିଛିଦିନ ହେଲା ନିୟମିତ ବ୍ୟବଧାନରେ ସ୍ତ୍ରୀ ରୋଗ ଓ ପ୍ରସୂତି, ଅସ୍ଥିଶଲ୍ୟ, ଭେଷଜ ବିଭାଗକୁ ଯାଉଥିବା ରୋଗୀଙ୍କ ସମ୍ପର୍କୀୟମାନେ ବହୁ ସମୟ ଧରି ଲିଫ୍ଟରେ ଅଟକି ରହୁଥିବା ଦେଖାଯାଉଛି। ପରେ ତାଙ୍କୁ ଉକ୍ତ ଲିଫ୍ଟରୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରାଯାଇଥିବା ମେଡ଼ିକାଲ ପକ୍ଷରୁ କୁହାଯାଇଛି।

ମେଡ଼ିକାଲକୁ ଆସୁଥିବା ରୋଗୀଙ୍କ ସୁବିଧା ନିମନ୍ତେ ବିଭିନ୍ନ କୋଠାରେ ଏକାଧିକ ଲିଫ୍ଟ ସ୍ଥାପନ ହୋଇଛି। ଏଥିପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଛି। ପ୍ରତ୍ୟେକ ଦିନ ଲିଫ୍ଟରେ ହଜାର ହଜାର ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ସମେତ କର୍ମଚାରୀ ଯା' ଆସ କରନ୍ତି। କିନ୍ତୁ ଯେଉଁ ଉଦ୍ଦେଶ୍ୟରେ ଏହାକୁ ସ୍ଥାପନ କରାଯାଇଛି ତାହା ଏବେ ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଓ କର୍ମଚାରୀଙ୍କ ନିମନ୍ତେ ସମସ୍ୟା ସୃଷ୍ଟି କରୁଛି। ଉକ୍ତ ଲିଫ୍ଟ ବ୍ୟବହାର ସମୟରେ ତାହା ବିଭିନ୍ନ ସମୟରେ ଅଚଳ ହୋଇପଡୁଥିବା ଅଭିଯୋଗ ହୋଇଛି। ଏଭଳି ବାରମ୍ବାର ଅଭିଯୋଗ ପରେ ମଧ୍ୟ ମେଡ଼ିକାଲ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ କରିବା ବିଫଳ ହୋଇଛନ୍ତି। ଅନ୍ୟପକ୍ଷରେ ଏହାକୁ ସରକାରୀ ବିଦ୍ୟୁତ ବିଭାଗ(ଜିଇଡ଼ି) ବିଭାଗ ମରାମତି କାର୍ଯ୍ୟ ଦାୟିତ୍ୱ ନେଇଛି। ହେଲେ ମରାମତି ନିମନ୍ତେ ସହରରେ ଠିକ ମେକାନିକ୍ ମିଳୁନାହାନ୍ତି। ଲିଫ୍ଟ ଖରାପ ଯୋଗୁ ଶହ ଶହ ରୋଗୀ ଓ ତାଙ୍କ ସମ୍ପର୍କୀୟ ବିଭିନ୍ନ ମହଲାକୁ ସିଡ଼ିରେ ଯିବା ପାଇଁ ବାଧ୍ୟ ହୋଇଥାନ୍ତି। ବ୍ରହ୍ମପୁର ବଡ ମେଡ଼ିକାଲରେ ଏଭଳି ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏମାନଙ୍କ ନିମନ୍ତେ କାହାର ଦରଦ ନ ଥିବା ମନେ ହେଉଛି। କେବଳ ଚିଠି ଲେଖି ଦେଇ କର୍ତ୍ତୃପକ୍ଷ ନିଜ ଦାୟିତ୍ୱ ସାରି ଦେଉଛନ୍ତି। ଏହା ସହ ଅନ୍ୟ ବିଭାଗ ଉପରେ ଦୋଷ ଲଦି ଦେଇ ନିଜେ ନୀରବ ରହିଯାଇଥିବା ଅଭିଯୋଗ ହୋଇଛି। ତେଣୁ ଏଥିରେ ବିଳମ୍ବ ନକରି ତୁରନ୍ତ ଏହା ଉପରେ ପଦେକ୍ଷପ ନେଇ ଏହାର ସମାଧାନ କରିବା ନିମନ୍ତେ ଦାବି ହୋଇଛି।


ଅଚଳ ଲିଫ୍ଟ।

## ସଂକ୍ଷେପରେ

### ୨୩ରୁ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଗଣଧାରଣା

ଫୁଲବାଣୀ, ୨୦।୬(ରାକେଶ ରାଉତ) ରାଜ୍ୟ ଆଉଟ୍‌ସୋର୍ସିଂ କର୍ମଚାରୀ ଦୀର୍ଘ ଦିନ ଧରି ଆନ୍ଦୋଳନ ଚଳାଇଛନ୍ତି। ଚାକିରିର ସ୍ଥାୟିତ୍ୱ ଓ ଅନ୍ୟାନ୍ୟ ଦାବିରେ ସଙ୍ଘ ଆନ୍ଦୋଳନ କରୁଛି। ହେଲେ ସରକାର ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ସଙ୍ଘ କର୍ମକର୍ତ୍ତାଙ୍କ ସହ ସରକାରଙ୍କ ଆଲୋଚନା ସତ୍ତ୍ୱେ କୌଣସି ସମାଧାନର ବାଟ ବାହାରିପାରି ନାହିଁ। ଏ ନେଇ ସରକାରୀ ବିଭାଗରେ କାର୍ଯ୍ୟରତ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଦୀର୍ଘ ବର୍ଷ ହେଲା ଏମାନେ ସରକାରଙ୍କ ବିଭିନ୍ନ ବିଭାଗରେ ଦାୟିତ୍ୱ ସମ୍ପନ୍ନ କରୁଥିଲେ ବି ସମସ୍ତ ପ୍ରକାର ସରକାରୀ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ତେଣୁ ସଙ୍ଘ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ କନ୍ଧମାଳ ଜିଲା ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୩ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବ ବୋଲି ସ୍ଥିର କରାଯାଇଛି। ଏହା ସତ୍ତ୍ୱେ ସରକାର ଯଦି ସଙ୍ଘର ଦାବି ନ ମାନନ୍ତି, ତେବେ ଆସନ୍ତା ୩୦ ତାରିଖରୁ ରାଜ୍ୟ ସଙ୍ଘର ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବା ସହ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସଙ୍ଘର ଜିଲା ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ମାର୍ଥା ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି।

### ସୁରଙ୍ଗୀ ରଥଯାତ୍ରା ଆଜି

ବ୍ରହ୍ମପୁର,୨୦।୬(ତନୁଶ୍ରୀ ନାହାକ): ଆନ୍ଧ୍ର ସୀମାନ୍ତରେ ଥିବା ଗଞ୍ଜାମ ଜିଲା ପାତ୍ରପୁର ବ୍ଲକର ସୁରଙ୍ଗୀରେ ଶ୍ରୀଗୁଣ୍ଡିଚା ପରଦିନ ରଥଯାତ୍ରା ହେଉଛି। ଏଠାରେ କେଉଁ ଆବାହମାନ କାଳରୁ ଏହି ପରମ୍ପରା ରହିଆସିଛି। ଏହି କ୍ରମରେ ବୁଧବାର ଏଠାରେ ରଥଯାତ୍ରା ଅନୁଷ୍ଠିତ ହେବ। ଅଞ୍ଚଳବାସୀଙ୍କ ସୂତ୍ରରୁ ମିଳିଥିବା ତଥ୍ୟ ପ୍ରକାରେ, ନିକଟସ୍ଥ ପାତ୍ରପୁରରେ ରଥଯାତ୍ରା ଯୋଗୁଁ ଉପାନ୍ତ ଅଞ୍ଚଳର ଶ୍ରଦ୍ଧାଳୁମାନେ ସେଠାକୁ ଯାଇଥାନ୍ତି। ଅନ୍ୟପକ୍ଷରେ ସୁରଙ୍ଗୀ ଗଡ଼ରେ ଗଡ଼ଜାତ ଅଞ୍ଚଳ ବଡ଼ରାଜା ଏବଂ ମୂର୍ତ୍ତି ମଧ ବଡ଼। ତେଣୁ ଅତୀତର ଗଡ଼ଜାତ ଜମିଦାର ବା ରାଜା ଦିନକ ପରେ ଯାତ୍ରା କରିବାର ପରମ୍ପରା ସୃଷ୍ଟି କରିଥିଲେ। ଉପାନ୍ତ ଅଞ୍ଚଳର ଶ୍ରଦ୍ଧାଳୁ ମାନେ ସୁରଙ୍ଗୀ ଯାଇ ସେଠାରେ ଗ୍ରାମବାସୀଙ୍କ ସହ ରଥ ଟାଣିଥାନ୍ତି। ସେହିପରି ଜରଡ଼ାର ସାରଥୀ ଗୋସାଇଁଙ୍କ ଯାତ୍ରା ମଧ ଆଜି ସୁଦ୍ଧା ଶେଷ ହୋଇଥାଏ। କିମ୍ବଦନ୍ତୀ ପ୍ରକାରେ ପୁରୀ ଶ୍ରୀକ୍ଷେତ୍ର ଯାତ୍ରରେ ନନ୍ଦିଘୋଷ ରଥର ସାରଥୀ ହୋଇଥାନ୍ତି ଜରଡ଼ାର ସାରଥୀ ଗୋସାଇଁ। ତେଣୁ ପୁରୀର ରଥଟଣା ନିମନ୍ତେ ସାରଥୀ ପୂର୍ବରୁ ଶ୍ରୀକ୍ଷେତ୍ର ଯାଇଥାନ୍ତି ସେଠାରୁ ଫେରିବା ପରେ ସୁରଙ୍ଗୀ ଠାରେ ଯାତ୍ରା ଅନୁଷ୍ଠିତ ହୋଇଥାଏ।

### ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

ହିଞ୍ଜିଳିକାଟୁ,୨୦।୬(ଦ୍ୱିତୀକୃଷ୍ଣ ପଣ୍ଡା) ହିଞ୍ଜିଳିକାଟୁ ଥାନା ସାହିରେ ମଙ୍ଗଳବାର ଶର୍ଟ ସର୍କିଟ ଯୋଗୁ ମାଣିକ ଲତା ସାହୁ (୪୦)ଙ୍କ ମୃତ୍ୟୁ ଘଟିଛି। ସେ ଘରେ ଖାଇବା ପାଇଁ ବସିଥିଲେ। ପାଖରେ ଲାଗିଥିବା ଟେବୁଲ ଫ୍ୟାନରେ ସର୍ଟଶର୍କିଟ ହେବାରୁ ମାଣିକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବେହୋସ ହୋଇଯାଇଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହିଞ୍ଜିଳି ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଇଛି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ବନ କର୍ମଚାରୀଙ୍କୁ ବନ୍ଧୁକଚାଳନା କ୍ଷମତା ଦିଆଯାଉ

# ହାତୀ ସୁରକ୍ଷାରୁ ଦୂରେଇ ରହିଲେ କର୍ମଚାରୀ

ଭଞ୍ଜନଗର,୨୦।୬ (ବାବୁଲା ପ୍ରଧାନ)

ଶିମିଳିପାଳ ଅଭୟାରଣ୍ୟରେ ୨ ଜଣ ବନ କର୍ମଚାରୀଙ୍କୁ ଶିକାରୀମାନେ ହତ୍ୟା କରିବା ପରେ ବନ କର୍ମଚାରୀମାନଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ଏଭଳି ପରିସ୍ଥିତିରେ ସୋମବାର ରାତି ୮ଟାରେ ଓଡ଼ିଶା ଅଣଗେଜେଟେଡ୍ ବନ ସେବା ସଂଘ ଭଞ୍ଜନଗର ଶାଖା ପକ୍ଷରୁ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ସଂଘର ୫ ଦଫା ଦାବିକୁ ତୁରନ୍ତ ପୂରଣ କରାଯାଉ। ନଚେତ୍ କର୍ମଚାରୀମାନେ ଆସନ୍ତା ଜୁଲାଇ ୧୦ ତାରିଖରୁ ସମୂହ ଛୁଟିରେ ଯିବେ। ଏଥିସହ ସୋମବାରଠାରୁ ଉତ୍ତର ଘୁମୁସର ବନଖଣ୍ଡରେ କାର୍ଯ୍ୟରତ କର୍ମଚାରୀମାନେ ହାତୀ ସମେତ ବନ୍ୟପ୍ରାଣୀ ସୁରକ୍ଷା ଦାୟିତ୍ୱରୁ ଦୂରେଇ ରହିଛନ୍ତି। ଏହାଦ୍ୱାରା ବନ୍ୟପ୍ରାଣୀ ବିପଦରେ ପଡ଼ିବା ସମ୍ଭାବନା ରହିଛି। ତେଣୁ ସରକାର ତୁରନ୍ତ କିଛି ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ୨୦୦୮ରେ ସରକାର ଘୋଷଣା କରିଥିବା ୫୦ ସ୍ୱତନ୍ତ୍ର ଷ୍ଟ୍ରାଇକିଂ ଫୋର୍ସ ତୁରନ୍ତ କାର୍ଯ୍ୟକାରୀ କରନ୍ତୁ। କର୍ମଚାରୀମାନଙ୍କୁ ବନ୍ଧୁକ ପ୍ରଦାନ ସହ ଚାଳନା କ୍ଷମତା ଦିଆଯାଉ। ହାତୀ ମୃତ୍ୟୁବରଣ କଲେ ତଳିଆ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଡିଏଫ୍‌ଓ ଏବଂ ଆର୍‌ସିସିଏଫ୍‌ଙ୍କୁ ମଧ୍ୟ ଏନେଇ ଉତ୍ତରଦାୟୀ କରାଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ଗୁଇନ୍ଦା ଖବର ଯୋଗାଇବା ପାଇଁ ପ୍ରତ୍ୟେକ ରେଞ୍ଜରେ ଦୁଇଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉ।

# ଜେଇଇ ଆଡ୍‌ଭାନ୍ସଡ୍‌ରେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିରର ସଫଳତା

ବ୍ରହ୍ମପୁର,୨୦।୬(ସ୍ମୃତି ରଞ୍ଜନ ମହାଲିକ)

ଜେଇଇ ଆଡ୍‌ଭାନ୍ସଡ୍ ୨୦୨୩ ଫଳ ରବିବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ସଫଳତା ହାସଲ କରିଛି। ଅନୁଷ୍ଠାନର ୭୦ ଛାତ୍ରୀଛାତ୍ର ଜେଇଇ (ମେନ) ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ତନ୍ମଧ୍ୟରୁ ୧୦ ଜଣ ମେଧା ଛାତ୍ରୀଛାତ୍ରଙ୍କ ଦୀର୍ଘ ୧ ମାସ ପର୍ଯ୍ୟନ୍ତ ଅଭିଜ୍ଞ ପ୍ରଧାପକଙ୍କ ଦ୍ୱାରା ଅନବରତ ଶିକ୍ଷାଦାନ କରାଯାଉଥିଲା। ସେଥିମଧ୍ୟରୁ ସର୍ବ ଭାରତୀୟସ୍ତର ସାଧାରଣ ବର୍ଗରେ ସୌମିକ କୁମାର ସାହୁ ୬୦୪୯ ର୍ୟାଙ୍କ୍, ଓମ୍ ସ୍ୱସ୍ତିକ ପଣ୍ଡା ୬୪୬୨ ର୍ୟାଙ୍କ, ରୁଦ୍ର ନାରାୟଣ ପ୍ରଧାନ ୧୦୧୬୮ ର୍ୟାଙ୍କ, ରୁଦ୍ର ପ୍ରସାଦ ରଥ ୧୩୦୫୨ ର୍ୟାଙ୍କ, ଯଜ୍ଞସାଇ ସାହୁ ୧୪୪୩୭ ର୍ୟାଙ୍କ, ଉନ୍ମେଷ ଗୌତିମା ବେହେରା ୧୩୨୭ ର୍ୟାଙ୍କ ଓ ଦେବେନ କୁମାର ସାହୁ ୨୫୯୫୭ ର୍ୟାଙ୍କ ରଖି ଆଇଆଇଟି (ଆଡଭାନ୍ସଡ) ପରୀକ୍ଷାରେ କୃତିତ୍ୱର ସହ କୃତକାର୍ଯ୍ୟ ହୋଇଛନ୍ତି। ଏହି ସଫଳତା ପାଇଁ ଶିକ୍ଷାନୁଷ୍ଠାନର କୋଚିଂ ବିଭାଗର ଅଭିଜ୍ଞ ଶିକ୍ଷକଙ୍କର ପ୍ରଚେଷ୍ଟାକୁ ଶ୍ରେୟ ଦିଆଯାଇଛି। ଶିକ୍ଷାନୁଷ୍ଠାନର ପ୍ରାଧ୍ୟାପକ ଗଙ୍ଗାଧର ପରିଡ଼ା, ଆଲୋକ ବଳ, ଅନିଲ ବିଶ୍ୱାଳ, ସୁନିଲ କୁମାର, ନାଗେଶ ବାବୁ, ସରୋଜ କୁମାର, କଲ୍ୟାଣ ଚକ୍ରବର୍ତ୍ତୀ, ରାଜେନ୍ଦ୍ର କୁମାର ନାୟକ, କ୍ରିଷ୍ଣା ଗୋଲାପଲୀ ଉତ୍ସର୍ଗୀକୃତ ଶିକ୍ଷାଦାନ ପ୍ରଣାଳୀ ଦ୍ୱାରା ଏହି ସଫଳତା ପ୍ରାପ୍ତ ହୋଇଛି। ସଫଳତା ପାଇଁ ବହୁ ଅଭିଭାବକଙ୍କ ସମେତ ପରିଚାଳନା କମିଟିର ସଭାପତି ଡ. ଜିବାନନ୍ଦ ତ୍ରିପାଠୀ, ଉପସଭାପତି ରବିନ୍ଦ୍ରନାଥ ଜେନା, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତୀ ସାମଲ, ବାସନ୍ତୀ ବେହେରା, ଉପଦେଷ୍ଟା ମଣ୍ଡଳୀରେ ଥିବା ସମସ୍ତ କର୍ମକର୍ତ୍ତା, ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ଅଧ୍ୟକ୍ଷ ଏସ ମୋହନ ରାଓ, ପ୍ରାଧାନାଚାର୍ଯ୍ୟ ସୁରେଶ ଆଚାର୍ଯ୍ୟ, କୋଚିଂ ବିଭାଗୀୟ ମୁଖ୍ୟ ଡ. ସୁବ୍ରତ କୁମାର ପାଣିଗ୍ରାହୀ ଓ କୋଚିଂ ଡିଭିଜନର ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।


ସଫଳତା ହାସଲ କରିଥିବା ଛାତ୍ରୀଛାତ୍ର।

## ପାଉଁରୁଟି ଫ୍ୟାକ୍ଟ୍ରିରେ ନକଲି ମଦ ପ୍ରସ୍ତୁତ ଘଟଣା

### ଅଭିଯୁକ୍ତ ୨ ଭାଇ କୋର୍ଟ ଚାଲାଣ

ବ୍ରହ୍ମପୁର,୨୦।୬(ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ଅନ୍ତର୍ଗତ ଓମ ବିହାରରେ ଏକ ପାଉଁରୁଟି ଫ୍ୟାକ୍ଟ୍ରିରେ ନକଲି ବିଦେଶୀ ମଦ ପ୍ରସ୍ତୁତ ହେଉଥିଲା। ପୋଲିସର ଏକ ଟିମ ସେଠାରେ ଚଢାଉ କରି ବହୁ ପରିମାଣର ନକଲି ବିଦେଶୀ ମଦ ଜବତ କରିଥିଲା। ଉକ୍ତ ଫ୍ୟାକ୍ଟ୍ରିରୁ ବୁଗୁଡା ଗାନ୍ଧୀ ଗ୍ରାମର ମୂଳ ନିବାସୀ ତାରିଣୀ ଜେନା ଓ ତାଙ୍କ ଭାଇ ପ୍ରଶାନ୍ତ ଜେନା ଓରଫ ମିଟୁଙ୍କୁ ପୋଲିସ ଗିରଫ କରିଥିଲା। ସେମାନେ ବଡବଜାର ଥାନା ଅନ୍ତର୍ଗତ କାଳୁପାତ୍ର ସାହିରେ ରହି ନକଲି ବିଦେଶୀ ମଦ କାରବାର ଚଳାଉଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡ଼ିଛି। ଅଧିକ ଅର୍ଥ ଲୋଭରେ ସେମାନେ ନିଜ ପାଉଁରୁଟି ଫ୍ୟାକ୍ଟ୍ରିରେ ନକଲି ବିଦେଶୀ ମଦ ପ୍ରସ୍ତୁତ କରୁଥିଲେ। ଅଭିଯୁକ୍ତଦ୍ୱୟ ଏଥିପାଇଁ କଲିକତାରୁ ସ୍ପିରିଟ ଓ ଅନ୍ୟାନ୍ୟ କଞ୍ଚାମାଲ ଆଣୁଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ମଙ୍ଗଳବାର ପୋଲିସ ଉଭୟଙ୍କୁ କୋର୍ଟଚାଲାଣ କରିଛି। ସେହିପରି ଘଟଣାର ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି। ଆବଶ୍ୟକ ପଡ଼ିଲେ ଉଭୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସଡ଼ିପିଓ ପଣ୍ଡା ସୂଚନା ଦେଇଛନ୍ତି। ବ୍ରହ୍ମପୁର ଏସପି ଡା. ସର୍ବଣ ବିବେକ ଏମ .ଙ୍କ ନିର୍ଦ୍ଦେଶ ଅନୁଯାୟୀ ବଡବଜାର ପୋଲିସ ଓମ ବିହାରରେ ଚଢଉ କରି ଏକ ପାଉଁରୁଟି ଫ୍ୟାକ୍ଟ୍ରିରୁ ୮ କାର୍ଟୁନ ନକଲି ବିଦେଶୀ ମଦ ଓ ବିଭିନ୍ନ କଞ୍ଚାମାଲ ଜବତ ହୋଇଥିଲା। ଦୁଇ ଭାଇ ନକଲି ମଦ ପ୍ରସ୍ତୁତ କରି ବ୍ରହ୍ମପୁର ଓ ଗଞ୍ଜାମ ଓ ଗଜପତି ଜିଲାର ବିଭିନ୍ନ ସ୍ଥାନରେ ବିକ୍ରି କରୁଥିଲେ। ପୋଲିସ ଉକ୍ତ ଫ୍ୟାକ୍ଟ୍ରିକୁ ଏବେ ସିଲ କରି ସେ ଦିଗରେ ଅଧିକ ତଦନ୍ତ ଜାରି ରଖିଥିବା କହିଛି।

### ୨ ଫେରାର ଅଭିଯୁକ୍ତ ଗିରଫ

ଆସିକା,୨୦।୬(ସୁରେନ୍ଦ୍ରନାଥ ସାହୁ)

ଗାଙ୍ଗପୁର ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଫୌଜଦାରୀ ମାମଲାରେ ସଂପୃକ୍ତ ଥାଇ ଅଦାଲତରେ ହାଜର ହେଉ ନ ଥିବା ଅଭିଯୋଗରେ ପୋଲିସ ମଙ୍ଗଳବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଦ୍ମପଲ୍ଲୀ ଗ୍ରାମର ଭଗବାନ ମଲିକ ଓ କାଳକୁ ଗ୍ରାମର କୈଳାସ ସ୍ୱାଇଁ । ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ମରାମତି କାର୍ଯ୍ୟ କଲା ଟିପିଏସ୍‌ଓଡିଏଲ



ବ୍ରହ୍ମପୁର,୨୦।୬(ସ୍ମୃତି ରଞ୍ଜନ ମହାଲିକ)

ଟାଟା ପାୱାର ସଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସଓଡିଏଲ) ପକ୍ଷରୁ କାଳବୈଶାଖୀ ପରେ ବିଭିନ୍ନ ସ୍ଥାନୀ ପୁନଃ ସ୍ଥାପନ ଓ ମରାମତି କାର୍ଯ୍ୟ ହାତକୁ ନିଆଯାଇଛି। ଟିପିଏସଓଡିଏଲ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ସବୁ ସମୟରେ କର୍ମଚାରୀ ନିୟୋଜିତ କରାଯିବା ସହିତ ତୁରନ୍ତ ବିଜୁଳି ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଉଛି। ମାର୍ଚ୍ଚ ମାସ ପରେ କାଳବୈଶାଖୀ ପ୍ରଭାବିତ ଅଞ୍ଚଳରେ ସଫଳତାର ସହ ୧୦୧୭ ବିଦ୍ୟୁତ ଖୁଣ୍ଟର ପୁନରୁଦ୍ଧାର କରାଯାଇଥିବା ବେଳେ ୫୯ଟି ବଣ୍ଟନ ଟ୍ରାନ୍ସଫର୍ମରକୁ ବଦଳାଇ ଦିଆଯାଇଛି। ଟିପିଏସଓଡିଏଲ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୪୪୨୦ କର୍ମଚାରୀଙ୍କ ଯଥାର୍ଥ ଉଦ୍ୟମ ଫଳରେ କ୍ଷତିଗ୍ରସ୍ତ ହୋଇଥିବା ୨୮.୫୫ ସର୍କିଟ କିମି ଏଲ ଟି କେବୁଲ ଓ କ୍ଷତିଗ୍ରସ୍ତ ୩୫.୩୫ କିଲୋମିଟର କଣ୍ଡକଣ୍ଟରକୁ ବଦଳାଯାଇଛି। ଟିପିଏସଓଡିଏଲ ସିଇଓ ଅମିତ ଗର୍ଗ କହିଛନ୍ତି, ନିରବଚ୍ଛନ୍ନ, ସର୍ବୋତ୍ତମ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣକୁ ଶୀଘ୍ର ସ୍ୱାଭାବିକ କରିବା ପାଇଁ ଆମ୍ଭେ ପ୍ରତିଶ୍ରୁତିବଦ୍ଧ।

# ୩୭ ୟୁନିଟ ରକ୍ତ ସଂଗୃହୀତ




ବ୍ରହ୍ମପୁର,୨୦।୬(ତନୁଶ୍ରୀ ନାହାକ):

ବ୍ରହ୍ମପୁର ଏନ୍‌ସିସି ଗ୍ରୁପ୍ ହେଡ୍‌କ୍ୱାଟର ଏବଂ ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ଇଷ୍ଟର ସହଭାଗିତାରେ ଧର୍ମନଗରସ୍ଥିତ ରୋଟାରୀ କମ୍ୟୁନିଟି ହଲ୍‌ରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବର ସଭାପତି ସୁମିତ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଏନସିସି ଗ୍ରୁପ ହେଡ଼ କ୍ୱାଟରର ମୁଖ୍ୟ ଡ଼.ମେଜର ସୌରଭ ତିୱାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମେଜର ଆର୍.ଏନ୍.ସୁବୁଦ୍ଧି ଏବଂ ବ୍ରହ୍ମପୁର ରକ୍ତ ଦାନ ରକ୍ତ ବ୍ୟାଙ୍କ୍ ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରଶ୍ମିତା ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।ସମ୍ପାଦକ ଜଗଜୀବନ ପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଜେକ୍ଟ ଡାଇରେକ୍ଟର ଅଜିତ କୁମାର ପୃଷ୍ଟି କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। କ୍ଲବର ପବ୍ଲିକ୍ ଇମେଜ୍ ଚେୟାରମ୍ୟାନ୍ କାମରାଜୁ ମହାରଣାଙ୍କ ସମେତ ପୂର୍ବତନ ସଭାପତି ବୃନ୍ଦ ଗଦାଧର ରାଉଳ, ଅରୁଣ ଚାନ୍ଦ ଦାଶ, ପ୍ରଦୀପ କୁମାର ପଣ୍ଡା,କୁଶ ପାତ୍ର, ସୁଧାଂଶୁ ଶେଖର ଖଡଗ ରାୟ , ଲିଙ୍ଗରାଜ ସ୍ୱାଇଁ, ଜୟନ୍ତ କିଶୋର ପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ ୩୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏ ପର୍ଯ୍ୟନ୍ତ ୧୦୮ ଥର ରକ୍ତ ଦାନ କରିଥିବା ଆସିକାର ଲକ୍ଷ୍ମୀ ନାରାୟଣ ପାତ୍ରଙ୍କୁ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମନ୍ଦିର ଜମି ଜବରଦଖଲ ଅଭିଯୋଗ

ଭଞ୍ଜନଗର,୨୦।୬(ବାବୁଲା ପ୍ରଧାନ)

ଭଞ୍ଜନଗର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ଅଭିଯୋଗ ଶୁଣାଣିରେ ଯୋଗଦେଇ ମିଳିତ ଭାବେ ୧୨୬ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ବ୍ୟକ୍ତିଗତ ଅଭିଯୋଗ ୧୦୩ଟି ଥିବାବେଳେ, ଗ୍ରାମୀଣ ଅଭିଯୋଗ ୨୩ଟି ଥିଲା। ଜିଲାପାଳ ୮ଟି ଅଭିଯୋଗର ଫଇସଲା କରିଥିଲେ। ଏଥିସହ ୪ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ଏବଂ ଜଣଙ୍କୁ ହ୍ୱିଇଲ ଚେୟାର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ସହାୟତା ପାଣ୍ଠିରୁ ୫୦୦୦ ଟଙ୍କା ହିସାବରେ ଦୁଇ ଜଣଙ୍କୁ ୧୦ ହଜାର ଟଙ୍କା ଏବଂ ଆଉ ତିନି ଜଣଙ୍କୁ ୩୦୦୦ ଟଙ୍କା ହିସାବରେ ୯ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଅପରପକ୍ଷେ ନେଟେଙ୍ଗା ରଘୁନାଥ ସ୍ୱାମୀଙ୍କ ମନ୍ଦିର ନାମରେ ବାଉଁଶଲୁଣ୍ଡିରେ ଥିବା କିଛି ମୂଲ୍ୟବାନ ଜମିକୁ କେତେକ ବ୍ୟବସାୟୀ ଜବରଦଖଲ କରି ରାସ୍ତା ତିଆରି କରୁଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏଥିସହ କିଛି ଜମିକୁ ବେନିୟମ ଭାବେ ଅନ୍ୟ ନାମରେ କରିଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ତଦନ୍ତ କରି ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅଭିଯୋଗ ଶୁଣାଣିରେ ଗଞ୍ଜାମ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଭି କୀର୍ତ୍ତିଭାସନ, ଭଞ୍ଜନଗର ଉପଜିଲାପାଳ ଜ୍ୟୋତିଶଙ୍କର ରାୟ, ଭଞ୍ଜନଗର ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, ଭଞ୍ଜନଗର ସହାୟକ ଜିଲାପାଳ ରାମଚନ୍ଦ୍ର ମହାପାତ୍ର, ଭଞ୍ଜନଗର ତହସିଲଦାର ଅଚ୍ୟୁତାନନ୍ଦ ଜାନୀ, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ କୁମାର ମହାନ୍ତି, ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଭଞ୍ଜନଗର ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାବା ସୋମନାଥ ମନ୍ଦିରରେ ରତ୍ନମୁଦ ପଡ଼ିଲା

ଖଜୁରୀପଡ଼ା,୨୦।୬(ବିଦୁର ବେହେରା)

ଖଜୁରୀପଡ଼ା ବ୍ଲକ ଦୃତିମେଣ୍ଡି ସନ୍ଧେପଦର ଗ୍ରାମରେ ପୂଜା ପାଉଥିବା ବାବା ସୋମନାଥ ମନ୍ଦିରରେ ରତ୍ନମୁଦ ପଡ଼ିବା ପାଇଁ ଦୁଇ ଦିନ ଧରି ଉତ୍ସବ ଆୟୋଜନ କରାଯାଇଥିଲା। ରବିବାର ଓ ସୋମବାର ଏହି ରତ୍ନମୁଦ ଉତ୍ସବ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଦୃତିମେଣ୍ଡି ଓ ସନ୍ଧେପଦର ଅଞ୍ଚଳର ବହୁ ମହିଳା ଓ ପୁରୁଷ କଳସ ଯାତ୍ରାରେ ଉତ୍ସବରେ ସାମିଲ ହୋଇଥିଲେ। ସନ୍ଧେପଦର୍ ଡ୍ୟାମ ଠାରୁ ରୀତି ନୀତି ଅନୁଯାୟୀ ପୂଜା ପାଠ କରି ସେଠାରୁ କଳସରେ ପାଣି ଆଣି ମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରାରେ ଆସିଥିଲେ। ପୂଜକଙ୍କ ସହ ପୂଜା କମିଟି ସଦସ୍ୟ ଓ ବହୁ ଭକ୍ତ ମିଶି ସାହାଡ଼ା ଗଛର ଅନୁସନ୍ଧାନରେ ପ୍ରାୟ ପାଞ୍ଚ କିଲୋମିଟର ଦୂର ଦେହେଙ୍ଗି ଗ୍ରାମକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା କରି ସାହାଡ଼ା ଗଛକୁ ନୂଆଁ ଟାଙ୍ଗିଆରେ କାଟି ବହୁ ଆଡ଼ମ୍ବରରେ ମନ୍ଦିରକୁ ଯାତ୍ରା କରିଥିଲେ। ସେହିପରି ସୋମବାର ହୋମଯଜ୍ଞ, ନାମଯଜ୍ଞ, ଅନ୍ନ ଯଜ୍ଞ ଆୟୋଜିତ ହୋଇଥିଲା। ମନ୍ଦିର ସଭାପତି ଭାଗିରଥି କହଁର, ସମ୍ପାଦକ ସୂର୍ଯ୍ୟ ନାରାୟଣ ମଲ୍ଲିକ, ସହ ସମ୍ପାଦକ ଅରୁଣ ମଲ୍ଲିକ, କୋଷାଧ୍ୟକ୍ଷ ବିଦେଶୀ ସେଠୀ, ଦେବରାଜ ମୁଖି, ବିରଞ୍ଚି ମୁଖୀ, ପ୍ରଦୀପ କୁମାର ସେଠୀ, ସମୀର ପ୍ରସାଦ ଝଙ୍କାର, ଆସ୍ତିକ ମଲ୍ଲିକ, ମନୋଜ ସେଠୀ ପ୍ରମୁଖ ଦାୟିତ୍ୱ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ପଦ୍ମନାଭ ବେହେରା, ବିଧାୟକ ଅଙ୍ଗଦ କହଁର, ବିଜେଡି ବ୍ଲକ ସଭାପତି ପଙ୍କଜ ମଲ୍ଲିକ, ସମିତି ସଭ୍ୟା ଉଷାବତି ଗଣ୍ଡା, ଜିଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ, ଖଜୁରୀପଡ଼ା ସମିତି ଅଧ୍ୟକ୍ଷା ଅନିମା କହଁର, ଇଷ୍ଟ ଦେବୀ ଯୁବ କଳା ପରିଷଦ ସାଧାରଣ ସମ୍ପାଦକ ବିଦୁର ବେହେରା, ମାରୁତି ସେନା ଜିଲା ସଂଯୋଜକ ଇନ୍ଦ୍ରମଣି କହଁର, ଆର୍. ନୂଆଗାଁ ସରପଞ୍ଚ ସ୍ୱର୍ଣ୍ଣଲତା କହଁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଚଞ୍ଚକତା ଅଭିଯୋଗ

ଦାରିଙ୍ଗବାଡ଼ି,୨୦।୬(ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ସିମନ୍‌ବାଡି ଓ ଗ୍ରୀନ୍‌ବାଡିରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଚଞ୍ଚକତା କରାଯାଉଥିବା ସିମନ୍‌ବାଡି ପଞ୍ଚାୟତର ଗାଁ ସାଥି ଉମାକାନ୍ତ ଦିଗାଲ ଏବଂ ୱାର୍ଡ ସଭ୍ୟ ଅମରେଶ ପ୍ରଧାନ ଅଭିଯୋଗ କରିଛନ୍ତି। ଏହି ଦୁଇ ଅଞ୍ଚଳରେ ଏମ୍‌ଜିଏନ୍‌ଆର୍‌ଇ-ଜିଏସ୍‌ରେ କାର୍ଯ୍ୟ କରାନଯାଇ ବିଲ୍ ଉଠାଯାଇଛି। ଉମାକାନ୍ତଙ୍କ ଅଭିଯୋଗ କ୍ରମେ ଏକ ଚାଷ ଜମି ଉନ୍ନୟନ ପାଇଁ ୨୦୨୨/୨୩ ଆର୍ଥିକ ବର୍ଷରେ ଅନୁଦାନ ୬ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ କରାଯିବାକୁ ଅଟକଳ ରହିଥିବା ବେଳେ କାମ କରା ନ ଯାଇ ମୋଟ ୧ ଲକ୍ଷ ୪୩ହଜାର ୪୪୫ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ଜବକାର୍ଡ ଧାରୀଙ୍କ ନିକଟକୁ ପଠାଯାଇଛି। ଏତେ ଟଙ୍କା ବିଲ୍ ହୋଇଥିଲେ କାର୍ଯ୍ୟ କରାଯିବାକୁ ଥିବା ସ୍ଥାନରେ କୌଣସି ନାମ ଫଳକ ନ ଥିବା ବେଳେ କାର୍ଯ୍ୟ ମଧ ହୋଇନାହିଁ। ଏହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସେହିପରି ବୁଢ଼ାଗୁଡ଼ା ଛକଠାରୁ ବ୍ରାହପାଙ୍ଗକୁ ରାସ୍ତା ସମ୍ପ୍ରସାରଣ ପାଇଁ ୨୦୨୧/୨୨ରେ ୮ ଲକ୍ଷ ଟଙ୍କା ଅନୁଦାନ ରହିଥିବା ବେଳେ ସେଥିରୁ ରାସ୍ତା କାର୍ଯ୍ୟରେ ମୋଟ ୩ ଲକ୍ଷ ୨୮ହଜାର ୫୧୧ ଟଙ୍କା ବିଲ୍ କରାଯାଇ ଶ୍ରମିକମାନଙ୍କୁ ତାଙ୍କ ପ୍ରାପ୍ୟ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ କାର୍ଯ୍ୟ ଜଙ୍ଗଲ ବିଭାଗ ପକ୍ଷରୁ ବନ୍ଦ କରାଯାଇଥିବା ସମ୍ପୃକ୍ତ ଜିଆର୍‌ଏସ୍ ବିଜୟ କୁମାର ସାହୁ କହିଥିଲେ। କିନ୍ତୁ ପୂର୍ବରୁ କାମ କରିଥିବା ଶ୍ରମିକମାନେ ସେମାନଙ୍କର ସମ୍ପୂର୍ଣ୍ଣ ପ୍ରାପ୍ୟ ପାଇନଥିଲେ। କିନ୍ତୁ କିଛି ଦିନ ପରେ ପୁଣି ବନ୍ଦ କରାଯାଇଥିବା କାର୍ଯ୍ୟରେ ୩୭ହଜାର ୪୬୪ଟଙ୍କା କାମ କରି ନ ଥିବା ହିତାଧିକାରୀଙ୍କ ଆକାଉଣ୍ଟକୁ ପଠାଯାଇଥିବା ଅମରେଶ ଅଭିଯୋଗ କରିଛନ୍ତି। ଅଭିଯୋଗର ସପ୍ତାହ ବିତିଯାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସେମାନେ କହିଛନ୍ତି।

ସେହିପରି ଗ୍ରୀନ୍‌ବାଡି ପଞ୍ଚାୟତର ସିକପାଟାଠାରୁ ଲାଇନପଡା ଗ୍ରାମକୁ ସଂଯୋଗ କରିବାପାଇଁ ରାସ୍ତା ସମ୍ପ୍ରସାରଣ ଲାଗି ୨୦୨୦/୨୧ ମସିହା ପାଇଁ ମୋଟ ୧୦ ଲକ୍ଷ ଟଙ୍କା ଅନୁଦାନ ରହିଥିଲା। ତେବେ ରେକର୍ଡରେ କାର୍ଯ୍ୟ ଚାଲିଥିବା ଦର୍ଶାଇ ୨୦୨୨ରେ ପ୍ରାୟ ୫ ଲକ୍ଷ ୮୭ ହଜାର ୭ଶହ ୧୦ ଟଙ୍କା ଖର୍ଚ୍ଚ କରାଯାଇଛି। ଗ୍ରାମବାସୀ ଜାଣିପାରିବା ପରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ କରାଯାଉଥିବା ବେଳେ ଗୋଟିଏ ବର୍ଷ ପୂର୍ବରୁ କିଭଳି ଶ୍ରମିକ ନାମରେ ବିଭିନ୍ନ ଆକାଉଣ୍ଟକୁ ୪ଲକ୍ଷ ୯୧ହଜାର ୫ଶହ ୧୩ ଟଙ୍କା ପ୍ରଦାନ କରାଯାଇଛି ତାହା ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ତେବେ ଯେଉଁ ଜବକାର୍ଡ ଧାରୀଙ୍କ ନିକଟକୁ ମଜୁରି ଅର୍ଥ ପ୍ରଦାନ କରାଯାଇଛି ସେମାନେ ପ୍ରାୟତଃ କାର୍ଯ୍ୟ କରି ନ ଥିବା ସ୍ୱୀକାର କରିଛନ୍ତି। ସେହିପରି ଏବେ ଧରାପଡିବା ଭୟରେ ତରବରିଆ ଭାବେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ କରାଯାଉଥିଲେ ସୁଦ୍ଧା ତାହା ଅତି ନିମ୍ନମାନର କରାଯାଉଥିବା ଅଭିଯୋଗ ହେଉଛି। ଏହି ସମସ୍ତ ଅଭିଯୋଗର ସତ୍ୟତା ଜାଣିବା ପାଇଁ ଦାରିଙ୍ଗବାଡିରେ କାର୍ଯ୍ୟରତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର ସୋସିଆଲ ଅଡିଟ୍ ଟିମ୍ ଫିଲ୍‌ଡକୁ ଯାଇ ତଦନ୍ତ କରୁଛି। ଏ ନେଇ ନବ ନିଯୁକ୍ତ ଜିଆର୍‌ଏସ୍ କେଦାରନାଥ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ପୂର୍ବରୁ ଯେଉଁ ଜିଆର୍‌ଏସ୍ ବିଜୟ ସାହୁ କାର୍ଯ୍ୟ କରୁଥିଲେ ସେ ମୋତେ କୌଣସି ଦାୟିତ୍ୱ ଦେଇନାହାନ୍ତି। ଏବେ ଯାହା କାର୍ଯ୍ୟ ହେଉଛି ତା'ର ବିଲ୍ କରାଯାଉଥିବା ସେ କହିଛନ୍ତି। ଏ ନେଇ ବିଜୟ ସାହୁଙ୍କୁ ପଚାରିବାରୁ କାମ ଚାଲିଛି, କୌଣସି ଅର୍ଥ ହେରଫେର କରାଯାଇ ନ ଥିବା ସେ କହିଛନ୍ତି। ଏହି ଘଟଣାର ତଦନ୍ତ କରାଯିବ ବୋଲି ବିଡିଓ ଗଦାଧର ପାତ୍ର କହିଛନ୍ତି ।


ଗ୍ରୀନବାଡ଼ି ପଞ୍ଚାୟତ ସିକପାଟା ରାସ୍ତାର ନିମ୍ନମାନ କାର୍ଯ୍ୟର ଯାଞ୍ଚ କରାଯାଉଛି।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ

ମୋହନା,୨୦।୬(ମନ୍ମଥ ମିଶ୍ର) ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ବେଡିଙ୍ଗି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ତିନୋଟି ପରିବାରର ଆଠ ବଖରା ଘର ଭସ୍ମିଭୂତ ହୋଇଯାଇଛି। ଅଗ୍ନିକାଣ୍ଡରେ ରମେଶ ମଳିକ, ସଞ୍ଜୟ ମଳିକ ଏବଂ ହରିକୃଷ୍ଣ ମଳିକଙ୍କ ବ୍ୟାପକ ସମ୍ପତ୍ତି ନଷ୍ଟ ହୋଇଛି। ସଞ୍ଜୟ ମଳିକଙ୍କ ୬ ଟି କୁକୁଡ଼ା ମରିଯାଇଥିବା ବେଳେ ହରିକୃଷ୍ଣ ମଳିକ ଘରେ ରଖିଥିବା ୫୦ ହଜାର ଟଙ୍କା ପୋଡି ପାଉଁଶ ହୋଇଯାଇଛି। ମୋହନା ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ତେବେ ପ୍ରାଥମିକ ତଦନ୍ତରୁ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଅଗ୍ନିକାଣ୍ଡରେ ୪ ଲକ୍ଷ ଟଙ୍କାରୁ ଅଧିକ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଫ୍ରେଣ୍ଡସ ଗ୍ରୁପ୍ ତରଫରୁ ପଣା ବଣ୍ଟନ

ବାଲିଗୁଡା,୨୦।୬(ସଞ୍ଜୟ ପାଣିଗ୍ରାହି)– ରଥଯାତ୍ରା ଉପଲକ୍ଷେ କନ୍ଧମାଳ ଜିଲା ବାଲିଗୁଡା ଫ୍ରେଣ୍ଡସ ଗ୍ରୁପ ତରଫରୁ ମା'ପାଟଖଣ୍ଡାଙ୍କ ମନ୍ଦିର ସମ୍ମୁଖରେ ଦହି ଚହ୍ଲା ପଣା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରୁପର ରାକେଶ ପାତ୍ର, ପ୍ରଭାକର ପାତ୍ର, ମନୋଜ ପ୍ରଧାନ, ସି.ଏଚ. ଆଶିଷ ପାତ୍ର, ଶିବା ପାତ୍ର, ସନ୍ୟାସୀ ସିଅ, ପ୍ରେମାନନ୍ଦ ପାତ୍ର, ହୃଷିକେଶ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ମିଳିତ ଜନ ଅଭିଯୋଗ ଶୁଣାଣି

ବାଲିଗୁଡା,୨୦।୬(ସଞ୍ଜୟ କୁମାର ପାଣିଗ୍ରାହୀ)– କନ୍ଧମାଳ ଜିଲା ବାଲିଗୁଡାରେ ବ୍ଲକସ୍ତରୀୟ ଜିଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଜନ ଶୁଣାଣି କାର୍ଯ୍ୟକ୍ରମ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଜିଲାପାଳ ଆଶିଷ ଇଶ୍ୱର ପାଟିଲ, ଏସପି ଶୁଭେନ୍ଦୁ ପାତ୍ରଙ୍କ ସମେତ ବ୍ଲକସ୍ତରୀୟ ସମସ୍ତ ବିଭାଗର ପଦାଧିକାରୀମାନେ ଉପସ୍ଥିତ ରହି ମୋଟ ୨୧ଟି ଅଭିଯୋଗ ଶୁଣାଣି କରିଥିଲେ।

### ବ୍ଲକସ୍ତରୀୟ ଟେବଲ ଟପ୍ ଏକ୍ସରସାଇଜ୍

ଆର.ଉଦୟଗିରି,୧୯।୬(ମନୋଜ କୁମାର ପାଢୀ)–ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ବିଡିଓ ଲରିମନ ଖର୍ସେଲଙ୍କ ଅଧ୍ୟକ୍ଷତାରେ ରବିବାର ଟେବଲ ଟପ୍ ଏକ୍ସରସାଇଜ୍ ଅନୁଷ୍ଠିତ ହୋଇଥିଲା। ବ୍ଲକ ପ୍ରଶାସନ ଏବଂ ଓଏସ୍‌ଡିଏମଏ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଡ଼ିଓ ଲରିମନ୍ ଖର୍ସେଲ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଜ୍ୟୋତିର୍ମୟ ଦାସ, ଥାନା ଅଧିକାରୀ ପ୍ରଶାନ୍ତ ମଲ୍ଲିକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାୟକ, ଡାକ୍ତର ଶକ୍ତି ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଲାଇନ୍ ବିଭାଗ ବାତ୍ୟା, ବନ୍ୟା ସମୟରେ ବିଭିନ୍ନ ବିଭାଗର କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ଏହା ପରେ ଫାଇର୍ ଡିପାର୍ଟମେଣ୍ଟ ଏବଂ ଆପଦା ମିତ୍ର ମାନେ ମକ୍‌ଡ୍ରିଲ ପ୍ରଦର୍ଶନ କରିଥିଲେ।

# ଆନ୍ଧ୍ର–ଓଡ଼ିଶା ସୀମାକୁ ନେଇ ଉତ୍ତେଜନା

ପାରଳାଖେମୁଣ୍ଡି/ରାୟଗଡ଼, ୨୦।୬
(ଗିରିଧାରୀ ପରିଚ୍ଛା / ଜ୍ୟୋତି ପ୍ରକାଶ ପାଣି)


ଲୋକଙ୍କ ସହ ପୋଲିସ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଆନ୍ଧ୍ର ଓଡ଼ିଶା ସୀମାନ୍ତକୁ ନେଇ ପୁଣି ଥରେ ମଙ୍ଗଳବାର ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଓଡ଼ିଶା ଜମିକୁ ଆନ୍ଧ୍ର ସରକାର ନଜର ପକାଇଥିବା କଥାକୁ ନେଇ ସ୍ଥାନୀୟ ସମିତିସଭ୍ୟା ସୁମିତ୍ରା ଶବର ଓ ଆନ୍ଧ୍ର କର୍ମଚାରୀଙ୍କ ମଧ୍ୟରେ କଥା କଟାକଟି ହେବା ପରେ ସେମାନେ ଫେରିଯାଇଥିବା ବିଷୟଟି ଚର୍ଚ୍ଚା ହେଉଛି। ରାୟଗଡ଼ ବ୍ଲକ ଅଧୀନ ଗଙ୍ଗବାଦ ପଞ୍ଚାୟତ ଅନ୍ତର୍ଗତ ମାଣିକପାଟଣା ଗ୍ରାମରେ ମଙ୍ଗଳବାର ଆନ୍ଧ୍ରର ଆର୍.ଆଇ, ଅମିନ, ବନ ବିଭାଗର ଅଧିକାରୀମାନେ ପହଞ୍ଚି ପ୍ରାୟ ୨୨ଟି ପରିବାରଙ୍କୁ ଚାରା ବଣ୍ଟନ କରିଥିଲେ। ସେମାନଙ୍କୁ ଜଙ୍ଗଲ ଜମି ପଟ୍ଟା ଯୋଗାଇ ଦେବା ନାଁରେ ଆବଶ୍ୟକ କାଗଜପତ୍ର ସଂଗ୍ରହ କରି ନେବା ସହ ଓଡ଼ିଶା ଜମିକୁ ସର୍ଭେ ଓ ଚିହ୍ନଟ କରୁଥିବା ଜାଣିପାରି ସମିତି ସଭ୍ୟା ଶବର ସେମାନଙ୍କୁ ଏଥିରୁ ନିବୃତ୍ତ ରହିବାକୁ ତାଗିଦା କରିଥିଲେ। ଫଳରେ ସେଠାରେ ଚାପା ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଗାରାବନ୍ଧ ଥାନା ଅଧିକାରୀ ଗୋବିନ୍ଦ ଗୌଡ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ତେବେ ଆଜିର ଏହି ପ୍ରକାର ପରିସ୍ଥିତିକୁ ନେଇ ଅଞ୍ଚଳବାସୀ ପ୍ରଶାସନ ଓ ରାଜସ୍ୱ ବିଭାଗକୁ ଦାୟୀ କରିଛନ୍ତି। ଯେହେତୁ ଦୀର୍ଘ ଦିନ ଧରି ସୀମା ବିବାଦ ଲାଗିରହିଥିଲେ ହେଁ ଆଜିପର୍ଯ୍ୟନ୍ତ ସୀମା ଚିହ୍ନଟ ହୋଇ ପାରିନାହିଁ।

### ମିଳୁନି ସାଧାରଣ ସୁବିଧା

ଅଞ୍ଚଳର ରାଜସ୍ୱ ସମସ୍ୟା ସମାଧାନ ପାଇଁ ସରକାର ଚମ୍ପାପୁରଠାରେ ଆର୍‌ଆଇ ଅଫିସ ସ୍ଥାପନ କରିଥିଲେ। ହେଲେ କୌଣସି କର୍ମଚାରୀଙ୍କ ଦେଖା ମିଳୁନଥିବା ପଞ୍ଚାୟତ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ମାଣିକପାଟଣା ଗ୍ରାମବାସୀ କାଜୁ ବାଡ଼ ପଟ୍ଟା ପାଇଁ ଆବେଦନ କରି ତହସିଲଦାର ଓ ଜିଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଯାଇ ଅନୁରୋଧ କରିଥିଲେ ବି କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ, ନଚେତ୍ ଆନ୍ଧ୍ର ସରକାର ଓଡ଼ିଶା ମାଟିକୁ ଟାଣି ନେଇଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ନୂଆପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

ଚିକିଟି,୨୦।୬(ପ୍ରକାଶ ଚନ୍ଦ୍ର ସାହୁ)

ଗ୍ରାମାଞ୍ଚଳର ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ରମାନ ସ୍ଥାପନ କରାଯାଇଛି। ହେଲେ କେତେକ ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥା ମଧ୍ୟରେ ଚାଲୁଥିବାରୁ ରୋଗୀ ହଇରାଣ ହେଉଛନ୍ତି। ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏହାର ଜ୍ୱଳନ୍ତ ଉଦାହରଣ।

୧୯୪୭ରେ ସ୍ଥାପିତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଚିକିଟି ଓ ଦିଗପହଣ୍ଡି ବ୍ଲକର ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭରଶୀଳ। ହେଲେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେଲା ଡାକ୍ତର, ଫାର୍ମାସିଷ୍ଟ, ଆଟେଣ୍ଡାଣ୍ଟ, ନର୍ସ, ମ୍ୟାଲେରିଆ ସୁପରଭାଇଜର ପଦବୀ ଖାଲି ପଡ଼ିଥିଲେ ସୁଦ୍ଧା ତାହା ପୂରଣ କରାଯାଉନାହିଁ। ଏ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନି। ଏଥିଯୋଗୁଁ ଅଞ୍ଚଳର ରୋଗୀମାନେ ସାଧାରଣ ଚିକିତ୍ସା ପାଇଁ ବ୍ରହ୍ମପୁର, ଚିକିଟି ଏବଂ ଆନ୍ଧ୍ର ମୁହାଁଉଥିବା ଦେଖାଯାଉଛି। ସ୍ୱାସ୍ଥ୍ୟସେବା ନିମନ୍ତେ ରାଜ୍ୟସରକାର ପର୍ଯ୍ୟାପ୍ତ ଅର୍ଥ ବ୍ୟୟବରାଦ କରୁଥିବା ବେଳେ ନୂଆପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ନିମନ୍ତେ ଆସବାବପତ୍ର, ବିଶୁଦ୍ଧ ପାନୀୟଜଳ, ରୋଗୀଙ୍କ ନିମନ୍ତେ ଶଯ୍ୟା ଓ ଜରୁରୀ ଔଷଧପତ୍ର ରହୁନି। କର୍ମଚାରୀ ଅଭାବ ଏବଂ ବିଭିନ୍ନ କାରଣରୁ ଏଠାକୁ ରୋଗୀ ଆସୁନାହାନ୍ତି। ଅପରପକ୍ଷରେ ଏଏନଏମ ରହୁଥିବା କ୍ୱାର୍ଟର୍ସରେ ଆଲୋକ ବ୍ୟବସ୍ଥା ନଥିବା ଏବଂ ଗୃହ ଦୟନୀୟ ଅବସ୍ଥା ରହିଛି। ଏନେଇ ଏଏନଏମ ପକ୍ଷରୁ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା କହିଛନ୍ତି। ଏଥିପ୍ରତି ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟସଚିବ, ସ୍ଥାନୀୟ ବିଧାୟିକା ତଥା ନଗର ଉନ୍ନୟନ ମନ୍ତ୍ରୀ ଉଷାଦେବୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବିହେଉଛି। ଏ ନେଇ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଯୋଗାଯୋଗ କରିବାରେ ଏକ ସପ୍ତାହ ମଧ୍ୟରେ ଡାକ୍ତରି ପଦବୀ ପୂରଣ କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି।

### ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ସ୍ମୃତିସଭା

ବ୍ରହ୍ମପୁର,୨୦।୬(ତନୁଶ୍ରୀ ନାହାକ)– ଗଞ୍ଜାମ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ବ୍ରହ୍ମପୁର ଷ୍ଟାଡ଼ିୟମସ୍ଥିତ ସଭା ଗୃହ ଠାରେ ମଙ୍ଗଳବାର ସଂସଦର ଆଜୀବନ ସଦସ୍ୟ ଥିବା ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ରୀଡ଼ା ସଂସଦର ସମ୍ପାଦକ ଅଶୋକ ସାହୁ ଅଧ୍ୟକ୍ଷତା କରିଥିଲେ। ଉପସ୍ଥିତ ସମସ୍ତ ସଦସ୍ୟ ଏକ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଏହାପରେ ସାହୁଙ୍କ କର୍ମମୟ ଜୀବନ, କ୍ରୀଡ଼ା ଜୀବନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ କ୍ରୀଡ଼ା ସଂସଦର ଶରତ ମହାପାତ୍ର, ସୁରେନ୍ଦ୍ର ପଟ୍ଟନାୟକ, ହେମନ୍ତ ବେହେରା, ବସନ୍ତ କୁମାର ପାଣିଗ୍ରାହୀ, ରାଜେନ୍ଦ୍ର ସାହୁ, ଉପେନ୍ଦ୍ର ପଟ୍ଟନାୟକଙ୍କ ସମେତ ବହୁ ସଦସ୍ୟ, କୋଚ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

### ୪ମାସ ପରେ ଚୋରି ଅଭିଯୋଗ

ବ୍ରହ୍ମପୁର,୨୦।୬ (ସୁବାସ ଚନ୍ଦ୍ର ପାଢ଼ୀ)– ବଡବଜାର ଥାନା ଅନ୍ତର୍ଗତ ଆସ୍କାରୋଡରେ ୪ ମାସ ତଳେ ଜଣେ ମହିଳା ଅଟୋ ଯାତ୍ରୀଙ୍କ ସୁନାଗହଣା ବ୍ୟାଗ୍ ଚୋରି ହୋଇଥିଲା। ଏ ନେଇ ମହିଳା ଜଣଙ୍କ ଗତ ୧୬ ତାରିଖରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ରାୟଗଡା ମାରୁତି କଲୋନୀର ବିଜୟ କୁମାର ପ୍ରଧାନଙ୍କ ସ୍ତ୍ରୀ ଅନିତା ସ୍ୱାଇଁ ହିଞ୍ଜିଳିକାଟୁସ୍ଥିତ ବାପଘରକୁ ଆସିଥିଲେ। ଗତ ଜାନୁୟାରୀ ୨୬ତାରିଖରେ ସେ ଅଟୋରେ ବ୍ରହ୍ମପୁର ଆସିଥିଲେ। ସନ୍ଧ୍ୟାରେ ମହାରାଜା ହୋଟେଲ ନିକଟରେ ଅଟୋରୁ ଓହ୍ଲାଇ ବିସ୍କୁଟ କିଣିବାକୁ ଯାଇଥିଲେ। ଦୋକାନରୁ ଫେରି ଦେଖିବା ବେଳକୁ ତାଙ୍କ ବ୍ୟାଗ୍‌ଟି ଅଟୋରୁ ଗାୟବ ହୋଇଯାଇଥିଲା। ସେଥିରେ ୩୦ଗ୍ରାମ ଓଜନର ୨ଟି ସୁନା ଚୁଡ଼ି, ୧୧ଗ୍ରାମର ଏକ ମଙ୍ଗଳସୂତ୍ର, ଦୁଇଟି ମୋବାଇଲ ଫୋନ, ଏଟିଏମ କାର୍ଡ, ପ୍ୟାନ କାର୍ଡ ଓ ୨ହଜାର ଟଙ୍କା ଥିଲା। ଆଖପାଖ ଅଞ୍ଚଳରେ ଖୋଜି ନିରାଶ ହେବାରୁ ଘରକୁ ଫେରିଯାଇଥିଲେ। ପରେ ଅନିତା ତୀର୍ଥ କରିବା ପାଇଁ ଚାଲିଯାଇଥିଲେ। ତୀର୍ଥରୁ ଫେରି ସୁନାଗହଣା ଚୋରି ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୧୧/୨୩ ରେ ମାମଲା ରୁଜୁ କରିଛି।

# 'ମଣିଷ ଗଛର ଛାଇ' ନାଟକ ମଞ୍ଚସ୍ଥ

ବାଲିପଦର,୨୦।୬(ବିଶିକେଶନ ସ୍ୱାଇଁ)

ଗଞ୍ଜାମ ଜିଲା ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବାଲିପଦର ମକର ପଲ୍ଲୀରେ ଶୀତଳଷଷ୍ଠୀ ଉପଲକ୍ଷେ ନୀଳକଣ୍ଠେଶ୍ୱର ଯୁବକ ସଂଘ ପକ୍ଷରୁ ପଞ୍ଚମ ବର୍ଷ ନାଟକ 'ମଣିଷ ଗଛର ଛାଇ' ମଞ୍ଚସ୍ଥ ହୋଇଯାଇଛି। ଏଥିରେ ଭାରତୀୟ ଜନତା ପାର୍ଟି ଘୁମୁସର ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନାଟକ ଉଦଘାଟନ କରଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଘୁମୁସର ଜିଲା ଯୁବମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନ, ଆଇନଜୀବୀ ହର ପ୍ରସାଦ ଦାସ, ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ଭୋଳ, ନାଟକ ନିର୍ଦ୍ଦେଶକ ଶରତ ଚନ୍ଦ୍ର ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଗଞ୍ଜାମ ଜିଲାର ବାଲିପଦର ମାଟି ହେଉଛି କଳା ସଂସ୍କୃତିର ମାଟି ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ସରପଞ୍ଚ ଦିଲ୍ଲୀପ କୁମାର ପ୍ରଧାନ, ସରପଞ୍ଚ ପ୍ରତିନିଧି ପ୍ରକାଶ ମହରଥୀଙ୍କ ସମେତ ବୁଗୁଡ଼ା ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।


ନାଟକ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

# ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

ଆର.ଉଦୟଗିରି,୨୦।୬(ମନୋଜ କୁମାର ପାଢୀ)

ଆର.ଉଦୟଗିରି ଥାନା ପରିମଳା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣିରେ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା, ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପରିଷଦ ରୋମାଞ୍ଚଳ ଖମାରୀ ଯୋଗଦେଇ ପରିମଳା ଗ୍ରାମ ପଞ୍ଚାୟତ ସମେତ ଉଦୟପୁର, ସମ୍ବଲପୁର ଓ କିରାମା ପଞ୍ଚାୟତର ସମୁଦାୟ ମୋଟ ୫୫ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା– ୨୧ଟି, ଗ୍ରାମଭିତ୍ତିକ ସମସ୍ୟା ୩୪ଟି ଓ ୧୦ଟି ଅଭିଯୋଗକୁ ତୁରନ୍ତ ଫଇସଲା କରାଯାଇ ସମାଧାନ କରାଯାଇଛି। ୭ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଛି। ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାଶନ୍ କାର୍ଡ, ଶିକ୍ଷା, ଜଳ ସେଚନ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଅଭିଯୋଗ ଶୁଣାଣି ବେଳେ ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଳତୀ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର, ତହସିଲଦାର କୁରେଶ୍ ଚନ୍ଦ୍ର ଜାନି ଓ ଜନ ଅଭିଯୋଗ ଶୁଣାଣି ନୋଡାଲ ଅଧିକାରୀ ସମେତ ସମସ୍ତ ଜିଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜନ ଅଭିଯୋଗ ଶୁଣାଣିରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

# ବାତ୍ୟା ଆଶ୍ରୟସ୍ଥଳରେ ମକ୍‌ଡ୍ରିଲ୍

ଗୋପାଳପୁର,୧୯।୬(ନବୀନରାଜ ଆଚାରୀ)


ମକ୍‌ଡ୍ରିଲ୍ ମାଧ୍ୟମରେ ଡେମୋ ପ୍ରଦର୍ଶନ କରାଯାଉଛି।

ଗୋପାଳପୁର ବାତ୍ୟା ଆଶ୍ରୟସ୍ଥଳରେ ବାତ୍ୟା ପୂର୍ବରୁ କିଭଳି ସତର୍କତାମୂଳକ ପଦକ୍ଷେପ ନିଆଯିବ ଏବଂ ବାତ୍ୟା ପରେ କ'ଣ ସବୁ କରିବେ ସେ ନେଇ ସ୍ଥାନୀୟ ଲୋକଙ୍କୁ ସଚେତନ କରାଯିବା ସହ ମକ୍‌ଡ୍ରିଲ୍ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଏସଏପି ୟୁନିଟ ୮ମ ବାଟାଲିୟନ ନୂଆ ଓଡ୍ରାଫ ଦଳର କମାଣ୍ଡାଣ୍ଟ ଶାରଦା ପ୍ରସାଦ ଦାସଙ୍କ ନିର୍ଦ୍ଦେଶକ୍ରମେ ଟିମ୍ ଲିଡର କେ.ଗଙ୍ଗାଧର ପ୍ରଧାନଙ୍କ ନେତୃତ୍ୱରେ ୩୫ ଜଣିଆ ଟିମ୍ ଗୋପାଳପୁର ବାତ୍ୟା ଆଶ୍ରୟସ୍ଥଳରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମକୁ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ପରିଚାଳନା କରିଥିଲେ। ବାତ୍ୟା ପୂର୍ବରୁ ଲୋକ ଓ ଗୃହପାଳିତଙ୍କୁ କିଭଳି ସ୍ଥାନାନ୍ତର କରାଯିବ, ବାତ୍ୟା ପରେ ଫସି ରହିଥିବାଙ୍କୁ କିଭଳି ଉଦ୍ଧାର କରାଯିବ ତାହାର ଡେମୋ ଦେଖାଇଥିଲେ। ବାତ୍ୟା ପରେ ରାସ୍ତାଘାଟ ଅବରୋଧ କିଭଳି ହଟାଯିବ ଆବଶ୍ୟକ ଯନ୍ତ୍ରପାତି ଗୁଡ଼ିକର ଡେମୋ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରିୟ ରଂଜନ ପୃଷ୍ଟି, ନୋଡାଲ ଅଫିସର ତଥା ଡୁଡା ପିଡି ନୀଳ ମାଧବ ଭୋଇ, ଓସଡମାର ରାଜ୍ୟ ପର୍ଯ୍ୟବେକ୍ଷକ ସୁତାନୁ ଠାକୁର, ବିସ୍ମୟ ଏନ୍‌ଜିଓର ବିମଳ ପଟ୍ଟନାୟକ, ଜିଲା ଜରୁରୀ କାଳୀନ ଅଧିକାରୀ ସୁକାନ୍ତ ମିଶ୍ର, ଡିପିଓ ଦେବେନ୍ଦ୍ର ନାୟକ, ରଙ୍ଗେଇଲୁଣ୍ଡା ବିଡିଓ ବିଶ୍ୱଜିତ ରାଏ, ଗୋପାଳପୁର ଏନ୍‌ଏସି ଅଧ୍ୟକ୍ଷ ଏ.ଜାନକୀ ରାମ, ବହୁମୁଖି ବାତ୍ୟା ଆଶ୍ରୟ ସ୍ଥଳୀର ସମ୍ପାଦକ ଜି.ମୋହନ ରାଓ, ସମସ୍ତ କାଉନସିଲର, ଅଙ୍ଗନୱାଡ଼ି, ଆଶାକର୍ମୀ, ମତ୍ସ୍ୟଜୀବୀ, ସ୍ଥାନୀୟ ପୋଲିସ କର୍ମଚାରୀଙ୍କ ସମେତ ବହୁ ସଂଖ୍ୟକ ସ୍ଥାନୀୟ ଲୋକେ ଯୋଗ ଦେଇଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ

ଗଞ୍ଜାମ,୨୦।୬ (ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ କାଇଁଚପୁର ପଞ୍ଚାୟତର ମାଳିଜଗନ୍ନାଥପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଠାରେ ସାମୁହିକ ଅଭ୍ୟାସ (ମକଡ୍ରିଲ) ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଆର. ଚନ୍ଦନା ରେଡିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀ ମାନେ ବନ୍ୟା ବାତ୍ୟା ସମୟରେ କିପରି ବରିଷ୍ଠ ନାଗରିକ, ପ୍ରସୂତି ମହିଳା, ଶିଶୁ, ରୋଗୀମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଇପାରିବ ସେ ସମ୍ବନ୍ଧରେ କୌଶଳ ପ୍ରଦର୍ଶନ କରାଯାଇଥିଲା। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଆର. ଭାଗିରଥି ରେଡି, ସମିତିସଭ୍ୟ ଜୟ ରେଡି, ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳ ପରିଚାଳନା ମୁଖ୍ୟ ବି. ବନମାଳି ପ୍ରମୁଖ ଉପସ୍ଥିତ ରହି ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ଅନ୍ୟମାନଙ୍କୁ ବିପଦରୁ ଉଦ୍ଧାର କରାଯାଇପାରିବ ସେ ସମ୍ପର୍କରେ ନିଜ ନିଜର ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଅରୁଣ ସ୍ତମ୍ଭରେ ନୂତନ ବିଗ୍ରହ ପ୍ରତିଷ୍ଠା

ବୁଗୁଡା,୨୦।୬ (କାଳି ଚରଣ ଦାଶ)

ଓଡ଼ିଶାର ଦ୍ୱିତୀୟ ଅର୍କକ୍ଷେତ୍ର କାଷ୍ଠ କୋଣାର୍କ ଭାବେ ପରିଚିତ ସ୍ଥାନୀୟ ବିରଞ୍ଚି ନାରାୟଣ ମନ୍ଦିର ସମ୍ମୁଖସ୍ଥ ଅରୁଣ ସ୍ତମ୍ଭରେ ଅରୁଣଙ୍କ ନୂତନ ବିଗ୍ରହ ସ୍ଥାପନ ଓ ପ୍ରତିଷ୍ଠା ଉତ୍ସବ ଚିତ୍ତରଞ୍ଜନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ତ୍ରିଦିବସୀୟ ପ୍ରତିଷ୍ଠା ଉତ୍ସବରେ ଶୁଭାଙ୍କୁରାରୋପଣ ସହ ପ୍ରତ୍ୟହ ସୂର୍ଯ୍ୟପୂଜା, ଶାଳାପୂଜା, ହୋମ ସହ ମହାସ୍ନାନ, ନ୍ୟାସ, ଅଧିବାସ ଆଦି କାର୍ଯ୍ୟ ଯଥା ରୀତିନୀତି ପ୍ରକାରେ ଅନୁଷ୍ଠିତ ହୋଇଥିଲା। ଉତ୍ସବର ଅନ୍ତିମ ଦିବସ ତଥା ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ବିଗ୍ରହଙ୍କ ସିଂହାସନ ଆରୋହଣ ଏବଂ ପୂର୍ଣ୍ଣାହୁତି କରାଯାଇଥିଲା। ଏହି ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ମହନ୍ତ ଭକ୍ତରାମ ଦାସ ମୁଖ୍ୟକର୍ତ୍ତା ରୂପେ ଯୋଗଦାନ କରିଥିବା ବେଳେ ସୀମାଞ୍ଚଳ ପାତ୍ର, ବିଶ୍ୱନାଥ ମିଶ୍ର, ସନ୍ତୋଷ ବିଶ୍ୱାଳ ସପତ୍ନୀକ ଉପକର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ପୁରୋହିତ ମନୋଜ ଦାଶ, ବୈଷ୍ଣବ ଚରଣ ଦାଶ, ଚିନ୍ମୟ ଦାଶ, ଶ୍ରୀକାନ୍ତ ମିଶ୍ର, ସାନୁଜ ମିଶ୍ର, ଶିବ ପ୍ରସାଦ ଦାଶ ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରିଥିଲା ବେଳେ ମନ୍ଦିର ପୂଜକ ଉମାକାନ୍ତ ଦାଶଙ୍କ ସମେତ ଅନ୍ୟ ସେବାୟତମାନେ ସହଯୋଗ କରୁଥିଲେ।


ପ୍ରତିଷ୍ଠା ହୋଇଥିବା ଅରୁଣ ସ୍ତମ୍ଭର ନୂତନ ବିଗ୍ରହ।

# ପୁନରୁଦ୍ଧାର ପାଇଁ ଗଠନ ହେଲା କମିଟି

ଟିକାବାଲି, ୨୦।୬(ଗଗନ ପଟ୍ଟନାୟକ)

**ଟିକାବାଲି ଏଏମ୍‌ସିଏସ୍‌କୁ ଚାହିଁଛନ୍ତି ଜିଲାବାସୀ**

ଟିକାବାଲିରେ ହୋଇପଡ଼ିଛି ଆଞ୍ଚଳିକ ମାଳ ବାଣିଜ୍ୟ ସମବାୟ ସମିତି(ଏଏମ୍‌ସିଏସ୍)। ଦିନେ ସାରା ରାଜ୍ୟ ସମେତ ଦେଶରେ ନାମ କମାଇଥିବା ଏହି ସମିତି ଆଜିକୁ ୨୧ ବର୍ଷ ହେଲା ବନ୍ଦ ହୋଇ ପଡ଼ିଛି । ଏହାର ପୁନରୁଦ୍ଧାର ପାଇଁ ସବୁବେଳେ ଦାବି ହୋଇ ଆସୁଥିଲେ ମଧ୍ୟ ସରକାରୀ ସ୍ତରରେ କିଛି ପଦକ୍ଷେପ ନିଆଯାଉ ନାହିଁ । କିଛି ଦିନ ହେବ ଏହାର ପୁନରୁଦ୍ଧାର ପାଇଁ ଏକ ନୂଆ ପରିଚାଳନା କମିଟି ଗଠନ ହୋଇଛି ।

୧୯୪୭ ମସିହା ନଭେମ୍ବର ମାସରେ ଏହି ଆଞ୍ଚଳିକ ମାଳ ବାଣିଜ୍ୟ ସମିତି ଗଠନ ହୋଇଥିଲା। ଆଦିବାସୀଙ୍କ ଦ୍ୱାରା ସଂଗୃହୀତ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରୟ କରି ସେମାନଙ୍କ ଆର୍ଥିକ ଅବସ୍ଥାକୁ ସ୍ୱଚ୍ଛଳ କରିବା ଥିଲା ଏହାର ମୂଳ ଲକ୍ଷ୍ୟ । ଏହି ସମିତି ଆଦିବାସୀଙ୍କ ପାଖରୁ ଜଙ୍ଗଲଜାତ ଦ୍ରବ୍ୟ ଯଥା ଖଲି, ତେନ୍ତୁଳି, ଭାଲିଆ ମଞ୍ଜି, ଝୁଣା, ପାଳୁଅ, ହରିଡ଼ା, ବାହାଡ଼ା, ଅଁଳା, ଲାଖ ଆଦି କିଣି ବାହାରେ ବିକ୍ରି କରୁଥିଲା। ଏହା ଦ୍ୱାରା ଗରିବ ଆଦିବାସୀମାନେ ଭଲ ଅର୍ଥ ରୋଜଗାର କରି ପାରୁଥିଲେ । ଏହାର ବ୍ୟବସାୟିକ ପରିସୀମା ଅବା କାର୍ଯ୍ୟାଳୟ ଫୁଲବାଣୀ, ବ୍ରହ୍ମପୁରରୁ ଆରମ୍ଭ କରି ବମ୍ବେ ଯାଏ ଲମ୍ବିଥିଲା। ପ୍ରଥମେ ୧୧୦ ଜଣ କର୍ମଚାରୀଙ୍କୁ ନେଇ ଏହା ଆରମ୍ଭ ହୋଇଥିଲା । ଏହାର ସଭ୍ୟ ସଂଖ୍ୟା କାଳକ୍ରମେ ବଢ଼ି ୬୮ ହଜାରରୁ ଊର୍ଦ୍ଧ୍ୱରେ ପହଞ୍ଚିଥିଲା। ଆଦିବାସୀଙ୍କ ଦ୍ୱାରା ସଂଗୃହୀତ ଦ୍ରବ୍ୟ ରୂପାନ୍ତରିତ ଏବଂ ଶ୍ରେଣୀ ବିଭାଗ କରାଯିବା ପରେ ସମିତିର ନିଜସ୍ୱ ଗାଡ଼ିରେ ବ୍ୟବସାୟ ପାଇଁ ଦେଶ ବିଦେଶକୁ ପଠାଯାଉଥିଲା। ୧୮ ଜଙ୍ଗଲଜାତ ଦ୍ରବ୍ୟର ଏକଚାଟିଆ ଲିଜ୍ ଏଏମ୍‌ସିଏସ୍‌କୁ ମିଳିଥିଲା। ୩ ବର୍ଷରେ ଥରେ ଲିଜ୍ ନବୀକରଣ ହେଉଥିଲା। କିନ୍ତୁ ସରକାର ୨୦୦୦ ମସିହାରେ ଆଉ ଲିଜ୍ ନବୀକରଣ କଲେ ନାହିଁ । ପଞ୍ଚାୟତକୁ ଦାୟିତ୍ୱ ମିଳିଲା। ବ୍ୟବସାୟୀ ପଞ୍ଚାୟତରେ ୧୦୦ ଟଙ୍କା ବାନ୍ଧି ଆଦିବାସୀମାନଙ୍କ ପାଖରୁ ଜଙ୍ଗଲଜାତ ଦ୍ରବ୍ୟ କିଣିଲେ। ଫଳରେ ଆଉ ଦ୍ରବ୍ୟ ଏଏମ୍‌ସିଏସ୍‌କୁ ଆସି ପାରିଲା ନାହିଁ । ସରକାର ନିଜ ଶେୟାର ବି ଏହି ସୋସାଇଟିରୁ ହଟାଇଦେଲେ। ଫଳରେ ଏହି ସମିତି ଅର୍ଥ ଅଭାବରୁ ଦୁର୍ବଳସ୍ଥିତିକୁ ଚାଲିଗଲା। ୨୦୦୦ ମସିହା ପରଠାରୁ ସମିତି ସୁପ୍ତ ଅବସ୍ଥାକୁ ଚାଲି ଯାଇଥିଲା, ଯାହା ଆଜିଯାଏ ପୁନଃ ଚାଲୁ ହେବାର ନାଁ ଧରୁନି । ବ୍ୟବସାୟ ପାଇଁ ଉଦ୍ଦିଷ୍ଟ ଟ୍ରକଗୁଡ଼ିକ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡିଛି । କର୍ମଚାରୀଙ୍କ ସଂଖ୍ୟା କମି କମି ୨ ଜଣରେ ପହଞ୍ଚିଛି। ସମିତିର ଭଡ଼ାଘରୁ ମିଳୁଥିବା ଅର୍ଥରେ ଏହି ଦୁଇ ଜଣ କର୍ମଚାରୀ ଦରମା ନେଉଛନ୍ତି । ତୁରନ୍ତ ଏହି ଆଞ୍ଚଳିକ ମାଳ ବାଣିଜ୍ୟ ସମବାୟ ସମିତି (ଏଏମ୍‌ସିଏସ୍)କୁ ଚାଲୁ କରିବାକୁ ଜିଲାବାସୀ ଦାବି କରିଛନ୍ତି।

# ଭକ୍ତଙ୍କ ମେଳରେ ମହାବାହୁ


ସୋରଡ଼ା


ହିଞ୍ଜିଳିକାଟୁ


ପାରଳାଖେମୁଣ୍ଡି


ଭଞ୍ଜନଗର


କୋଟଗଡ଼


ରାଇକିଆ


ଆସିକା




ଗୋଷାଣୀନୁଆଗାଁ ଉତ୍ତରେଶ୍ୱର ମନ୍ଦିର


କୋର୍ଟପେଟା ଛକ


ପାତ୍ରପୁର


ଧରାକୋଟ


ଦାରିଙ୍ଗିବାଡ଼ି


ଖଲ୍ଲିକୋଟ

## ବ୍ରହ୍ମପୁର ସହରରେ ଘୋଷଯାତ୍ରା

ବ୍ରହ୍ମପୁର,୨୦।୬(ତନୁଶ୍ରୀ ନାହାକ)

ଘୋଷ ଯାତ୍ରାକୁ ନେଇ ମଙ୍ଗଳବାର ଉତ୍ସବ ମୁଖର ହୋଇ ଉଠିଛି ରେଶମ ସହର। ସହରର ମୁଖ୍ୟ ରାସ୍ତାରୁ ଆରମ୍ଭ କରି ପ୍ରତ୍ୟେକ ଗଳି ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଚି। ରଥ ପ୍ରତିଷ୍ଠା ପରେ ୩ ଠାକୁର ପ୍ରଥମେ ବଳଭଦ୍ର, ସୁଭଦ୍ରା ଓ ଶେଷରେ ପ୍ରଭୁ ଜଗନ୍ନାଥ ଶ୍ରଦ୍ଧାଳୁ ଓ ସେବକଙ୍କ ମଧ୍ୟରେ ପହଣ୍ଡି ବିଜେ କରିଥିଲେ। ବଡ଼ବଜାର ଅଞ୍ଚଳର ଖାସ୍ବାସାହି ସ୍ଥିତ ସାନ ଜଗନ୍ନାଥ ମନ୍ଦିର ପକ୍ଷରୁ ଆୟୋଜିତ ରଥଯାତ୍ରାରେ ମହୁରୀ ରାଜା ଅଶୋକ କୁମାର ନରେନ୍ଦ୍ର ଦେବ ଯୋଗଦେଇ ୩ ରଥରେ ଛେରାପହଁରା କରିଥିଲେ। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ରାଜ୍ୟ ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଡ଼.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଉପସ୍ଥିତ ରହିଥିଲେ। ଅପରାହ୍ନ ପ୍ରାୟ ୨ଟା ବେଳକୁ ଶହ ଶହ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଗହଣରେ ରଥ ଟଣା ଆରମ୍ଭ ହୋଇଥିଲା। ସେହିପରି ନିକଟସ୍ଥ ବଡ଼ ଜଗନ୍ନାଥ ମନ୍ଦିର, ପାତାଳେଶ୍ୱର , ତ୍ରିମୂର୍ତ୍ତି ଠାକୁରଙ୍କୁ ମଧ୍ୟ ପହଣ୍ଡି ପରେ ରଥଟଣା ଆରମ୍ଭ ହୋଇଥିଲା। ରଥ ହନୁମାନ ବଜାର ସ୍ଥିତ ବିଭନ୍ନ ଆଡ଼ପ ମଣ୍ଡପରେ ପଂହଚିଥିଲା। ସେହିପରି ସହରର ଆମ୍ବପୁଆ, ଗୋଇଲୁଣ୍ଡି, ବିଜିପୁର, ଆଙ୍କୁଲି, ଶିଲ୍ପାଚଂଳ,ପ୍ରେମନଗର, ଉତ୍କଳ ଆଶ୍ରମ ରୋଡ଼, ଲାଂଜିପଲି ଘୋଷଯାତ୍ରାରେ ଭକ୍ତଙ୍କ ପ୍ରବଳ ଜନସମାଗମ ହୋଇଥିଲା। ରଥ ଉପରେ ଠାକୁରଙ୍କ ଭୋଗ ଲାଗି ହେବା ସହ ଆଳତି ପରେ ଭକ୍ତଙ୍କ ଦର୍ଶନ ଆରମ୍ଭ ହୋଇଥିଲ। କୋର୍ଟପେଟା ଜଗନ୍ନାଥ ମନ୍ଦିର ପକ୍ଷରୁ ମନ୍ଦିର ଉନ୍ନୟନ କମିଟି ସଭାପତି ଡ଼.ଜଗନ୍ନାଥ ସାହୁ ଛେରା ପହଁରା କରିବା ପରେ ଯାତ୍ରା ଆରମ୍ଭ ହୋଇଥିଲା। ଗୋଷାଣୀନୁଆଗାଁ ସ୍ଥିତ ଉତ୍ତରେଶ୍ୱର ଜଗନ୍ନାଥ ମନ୍ଦିର ପକ୍ଷରୁ ରଥଯାତ୍ରାରେ ମନ୍ଦିର ଉନ୍ନୟନ କମିଟି ସଭାପତି ପଞ୍ଚାନନ ଚୌଧୁରୀ ଛେରାପହଁରା କରିଥିଲେ। ଅପରାହ୍ନରେ ରଥ ଟଣା ପୂର୍ବରୁ ଏଥିରେ ଏମପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ମେୟର ସଂଘମିତ୍ରା ଦଳାଇ, ଡ଼େପୁଟି ମେୟର ଇ.ବିବେକ ରେଡ୍ଡୀ, ସ୍ଥାନୀୟ କର୍ପୋରେଟର ନୀଳକଣ୍ଠ ସାହୁ, ଧୀରେଶ ସାବତ, ବ୍ରହ୍ମପୁର ଏସପି ଡ଼.ସର୍ବଣା ବିବେକ ଏମଙ୍କ ସମେତ ଆଇଜି, ଗୋଷାଣୀ ନୁଆଗାଁ ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ମେୟର ସଂଘମିତ୍ରା ଦଳେଇଙ୍କ ସମେତ ବହୁ ମହିଳା ସୁଭଦ୍ରାଙ୍କ ରଥ ଟାଣିଥିଲେ। ସନ୍ଧ୍ୟାରେ ରଥଟଣା ଶେଷ ହେବା ପରେ ରଥାରୁଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ ନିମନ୍ତେ ଆଡ଼ପ ମଣ୍ଡପ ଠାରେ ପଂହଚିଥିବା ରଥ ନିକଟରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହାବାଦେ ସହରର ଭୈରବୀ, ନିମଖଣ୍ଡି , ସାନକୁଶସ୍ଥଳି, ଗୋପାଳପୁର ସମତେ ଆଖପାଖ ଗାଁ ମାନଙ୍କରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।


ଗଞ୍ଜାମ


ଶେରଗଡ଼



## ଅରୁଆ ଚାଉଳରେ କ୍ଷୁଦ୍ରାକୃତି ରଥ

ଫୁଲବାଣୀ,୨୦।୬ (ରାକେଶ ରାଉତ): କନ୍ଧମାଳ ଜିଲା ଫୁଲବାଣୀ ସହରର ଯୁବ ଶିଳ୍ପୀ ଏନ୍. ପ୍ରତ୍ୟୁଷ କୁମାର ଅରୁଆ ଚାଉଳରେ ରଥ ତିଆରି କରି ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଏଥିସହ ପୂର୍ବରୁ କରିଥିବା ନିଜ ରେକର୍ଡକୁ ମଧ୍ୟ ସେ ଭାଙ୍ଗିଛନ୍ତି। ପ୍ରତ୍ୟୁଷଙ୍କ ଏହି କ୍ଷୁଦ୍ର ନନ୍ଦିଘୋଷ ରଥର ଉଚ୍ଚତା ମାତ୍ର ୨ ସେଣ୍ଟିମିଟର ରହିଥିବା ବେଳେ ଚଉଡା ୧.୫ ଓ ଦୈର୍ଘ୍ୟ ୧.୯ ସେମି ରହିଛି। ପୂର୍ବରୁ ପ୍ରତ୍ୟୁଷ ୨.୪ ସେମିର ଚକ୍ ଖଡିରେ ରଥ ଗଢ଼ି କରି ରେକର୍ଡ କରିଥିଲେ। ଏବେ ସେ ନିଜ ରେକର୍ଡ ଭାଙ୍ଗିଥିବା ଦାବି କରିଛନ୍ତି। ଏହି କ୍ଷୁଦ୍ରାତିକ୍ଷୁଦ୍ର କଳାକୃତି ଗଢ଼ିବା ପାଇଁ ଚାରି ଦିନ ସମୟ ଲାଗିଥିବା କହିଛନ୍ତି ପ୍ରତ୍ୟୁଷ। ଏହି ବିରଳ କଳାକୃତିକୁ ବିଭିନ୍ନ ରେକର୍ଡ ବୁକ୍‌କୁ ପଠାଇବା ପାଇଁ ଯୋଜନା ରଖିଥିବା ସେ ପ୍ରକାଶ କରିଛନ୍ତି। ଫୁଲବାଣୀ ନଦୀଖଣ୍ଡି ସାହି ନିବାସୀ ଅବସରପ୍ରାପ୍ତ ସେନା କର୍ମଚାରୀ ଏନ୍ ପ୍ରେମ କୁମାର ଚୌଧୁରୀ ଓ ମମତା ଚୌଧୁରୀଙ୍କ ପୁଅ ପ୍ରତ୍ୟୁଷ ଖଲ୍ଲିକୋଟ ଆର୍ଟ ଏଣ୍ଡ କ୍ରାଫ୍ଟ କଲେଜରୁ ଭିଜୁଆଲ ଆର୍ଟସରେ ପାଠ୍ୟକ୍ରମ ସାରିବା ପରେ ଏବେ ଅହମ୍ମଦାବାଦଠାରେ ଗ୍ରାଫିକ ଡିଜାଇନିଂରେ ମାଷ୍ଟର କୋର୍ସ କରୁଛନ୍ତି। ପୂର୍ବରୁ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଫ୍ୟାଶନ ଏକ୍ସପ୍ଲୋଜନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିଲେ। ନିଜର ବିରଳ ପ୍ରତିଭା ପାଇଁ ସେ ଇଣ୍ଡିଆ ବୁକ ଅଫ ରେକର୍ଡ଼ସରେ ମଧ୍ୟ ସ୍ଥାନ ପାଇଛନ୍ତି। ଯୁବ ପ୍ରତିଭା ପ୍ରତ୍ୟୁଷଙ୍କ ଏହି ଅନନ୍ୟ କଳାକୃତି ସମସ୍ତଙ୍କୁ ଚକିତ କରିଥିବା ବେଳେ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

